# ଦାବି ପୂରଣ ନ ହେଲେ ଭୋଟ ବର୍ଜନ ଚେତାବନୀ

କାଲିମେଳା, ୨୭।୩(ଜୀବନ କୃଷ୍ଣ ଦାସ)

## ଆଦିବାସୀ ସମାଜ ପକ୍ଷରୁ ୫ ଦଫା ଦାବି ନେଇ ଖବରଦାତା ସମ୍ମିଳନୀ

ମାଲକାନଗିରି ଜିଲା କାଲିମେଳା ବ୍ଲକ ଆଦିବାସୀ କୋୟା ସମାଜ ସଂଘ ତରଫରୁ ବୁଧବାର ଆମ୍ବଗୁଡ଼ା ଗାଁ ସହିଦ ତାମ୍ମାଦୋରା ସଂଘ କାର୍ଯ୍ୟାଳୟ ପରିସରରେ ୫ ଦଫା ଦାବି ନେଇ ଏକ ଖବରଦାତା ସମ୍ମିଳନୀ କରାଯାଇଥିଲା। କୋୟା ସମାଜ ସଭାପତି ବାଗା ମାଡକାମିଙ୍କ ନେତୃତ୍ୱରେ ସାଙ୍ଗଠନିକ ସମ୍ପାଦକ ଇରମା କବାସି, ଲ୍ୟାମ୍ପସ୍ ସଭାପତି ସୁଖଦେବ କବାସି ,ବଡିଗେଟା ପଞ୍ଚାୟତ ସମିତି ସଭ୍ୟ ସୋମନାଥ ପଡିଆମି, ତମାଦୋରା ସଂଘର ଉପ ସଭାପତି ଦାମ ମାଡକାମି, ଇରମା ବେଟୀ, ନନ୍ଦା କୁଞ୍ଜମି, ରାମା କମରାମିଙ୍କ ସହ ଅନେକ ଆଦିବାସୀ ଉପସ୍ଥିତ ଥିଲେ। ସଂଘର କର୍ମକର୍ତ୍ତା ମାନେ କହିଛନ୍ତି, ସାଧୀନତାର ୭୫ ବର୍ଷ ପରେ ମଧ୍ୟ ଏଠାରେ ବସବାସ କରୁଥିବା ଆଦିବାସୀ



ଖବରଦାତା ସମ୍ମିଳନୀରେ ଆଦିବାସୀ ସମାଜର କର୍ମକର୍ତ୍ତା।

ଜନଜାତି ଲୋକମାନେ ଏବେବି ବିଭିନ୍ନ ମୌଳିକ ସୁବିଧାରୁ ବଞ୍ଚିତ ରହିଛନ୍ତି । ଭୋଟ ଆସିଲେ ଆମ କଥା ମନେ ପଡେ ବୋଲି ଅଭିଯୋଗ କରିବା ସହ ୫ ଟି ଦାବି ଉପସ୍ଥାପନ କରିଛନ୍ତି । ଦାବି ଗୁଡିକ ମଧ୍ୟରେ ଆଦିବାସୀଙ୍କୁ ଜଙ୍ଗଲ ଜମି ପଟ୍ଟା ମିଳି ନଥିବା, ୨୦୦୬ରେ ଏକ ସତନ୍ତ୍ର ଜଙ୍ଗଲ ଜମି ଆଇନ ତିଆରି ହେଲା କିନ୍ତୁ ଓଡିଶା ସରକାର ୯୦% ଜଙ୍ଗଲ ଜମି ପଟ୍ଟା ଆଜି ପର୍ଯ୍ୟନ୍ତ କାହିଁକି ଦେଇନାହାନ୍ତି । ମାପିଥିବା ଜମି ମଧ୍ୟ ତାହା ଭିତରେ ନାହିଁ । ଜଙ୍ଗଲ ଜମି ପଟ୍ଟାକୁ ସେଟେଲମେଣ୍ଟ ପଟ୍ଟାର ମାନ୍ୟତା ଦିଆଯିବା ପାଇଁ ଦାବି କରାଯାଇଛି । ତୃତୀୟରେ ଜିଲା ଏବଂ ବ୍ଲକରେ ଶିକ୍ଷା ବ୍ୟବସ୍ଥା ଖରାପ ରହିଛି। ଏଠାରେ ବନ୍ଦ ହୋଇଥିବା ବିଦ୍ୟାଳୟ ଗୁଡିକ ପୁନଃ ପରିଚାଳନା ଏବଂ ପ୍ରତି ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି ଦାବି କରାଯାଇଛି। ଚତୁର୍ଥରେ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଅଭାବ ଦେଖାଦେଇଛି। ମାଲକାନଗିରି ଜିଲାରେ ସରକାରୀ ସ୍ୱାସ୍ଥ୍ୟ କେନ୍ଦ୍ରରେଗୁଡିକରେ ଡାକ୍ତର ନାହାନ୍ତି । ଫଳରେ ରୋଗୀ ଆନ୍ଧ୍ର , ତେଲେଙ୍ଗାନ, ଛତିଶଗଡ, ରୋଗୀମାନେ ଚିକିତ୍ସା ପାଇଁ ବାହାର ରାଜ୍ୟକୁ ଯାଉଛନ୍ତି । ତେଣୁ ଆମକୁ ସବୁ ସ୍ୱାସ୍ଥ୍ୟକେନ୍ଦ୍ରରେ ବିଶେଷଜ୍ଞ ଡାକ୍ତର ଦରକାର । ତାହା ସହିତ ଏଏସ୍‌କେଓ୍ୱାଇ କାର୍ଡ ସବୁ ସ୍ୱାସ୍ଥ୍ୟକେନ୍ଦ୍ରରେ ସୁବିଧା କରାଯାଉ ବୋଲି ଦାବି କରିଛନ୍ତି। ପଞ୍ଚମରେ କୃଷକମାନଙ୍କ ପାଇଁ ମଧ୍ୟ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦେବା ପାଇଁ ଦାବି କରାଯାଇଛି। ସରକାର ଏହି ୫ ପ୍ରମୁଖ ଦାବି ଗୁଡିକ ଯଦି ପୂରଣ ନ କରନ୍ତି ତେବେ ଆଗାମୀ ଦିନରେ ସଂଘ ପକ୍ଷରୁ ବ୍ଲକସ୍ତରରେ ଜିଲାସ୍ତରରେ ଆନ୍ଦୋଳନ କରାଯିବା ସହ ଆଗାମୀ ନିର୍ବାଚନ ବର୍ଜନ କରିବାକୁ ବାଧ୍ୟ ହେବୁ ବୋଲି ଚେତାବନୀ ଦେଇଛନ୍ତି ।

# ମା' ନାକଟେଶ୍ୱରୀଙ୍କ ଯାତ୍ରାରେ ଲାଠି ଦେବତାଙ୍କ ପୂଜା



ମା' ନାକଟେଶ୍ୱରୀଙ୍କୁ ସହର ପରିକ୍ରମା କରାଯାଉଛି।

ମାଲକାନଗିରି,୨୭।୩(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ସଦର ମହକୁମାରେ ୩ଦିନ ବ୍ୟାପୀ ମା' ନାକଟେଶ୍ୱରୀ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ନାକଟେଶ୍ୱରୀ ଯାତ୍ରାରେ ପ୍ରଥମ ଦିନରେ ରାତ୍ର ୮ ଘଟିକା ସମୟରେ ସହର ନିକଟବର୍ତ୍ତୀ ବହୁ ଦେବଦେବୀଙ୍କ ଲାଠି ଆସି ମାଁ ମାଉଲିମା ମନ୍ଦିର ନିକଟରେ ପହଞ୍ଚିଥିଲା । ସେଠାରେ ମା' ନାକଟେଶ୍ୱରୀଙ୍କ ସିଂହାସନ ସହ ଏହି ସମସ୍ତ ଲାଠି ବାହାରି ସହର ପରିକ୍ରମା କରିଥିଲା। ଏଥିରେ ୨୦୦ରୁ ଊର୍ଦ୍ଧ୍ୱ ଲାଠି ଅର୍ଥାତ୍ ବିଭିନ୍ନ ଦେବଦେବୀ ପରିଭ୍ରମଣକରି ରାତ୍ର ୧୧.୩୦ରେ ନାକଟେଶ୍ୱରୀ ମନ୍ଦିର ନିକଟରେ ପହଞ୍ଚିଥିଲେ। ସେଠାରେ ପୂଜାର୍ଚ୍ଚନା ହେବା ପରେ ଲାଠିଗୁଡ଼ିକୁ ମନ୍ଦିର ସମ୍ମୁଖରେ ସ୍ଥାପନ କରାଯାଇଥିଲା। ନାକଟେଶ୍ୱରୀ ଯାତ୍ରାର ଦ୍ୱିତୀୟ ଦିନରେ ଭକ୍ତମାନଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ବିଶେଷକରି ପଡ଼ୋଶୀ ଆନ୍ଧ୍ର, ଛତିଶଗଡ଼ରୁ ମଧ୍ୟ ବହୁ ଭକ୍ତ ମା' ଙ୍କ ଦର୍ଶନ ପାଇଁ ଆସିଥିବା ଦେଖିବାକୁ ମିଳିଥିଲା। ତୃତୀୟ ଦିନରେ ଭକ୍ତମାନେ ନିଜ ନିଜର ମାନସିକ ପୂରଣ ନିମନ୍ତେ ଭୋଗ ଅର୍ପଣ କରିଥିଲେ। ତୃତୀୟ ଦିନ ରାତିରେ ଜିଲାର ବିଭିନ୍ନ ଅଞ୍ଚଳରୁ ଆସିଥିବା ଦେବଦେବୀଙ୍କ ଲାଠିଗୁଡିକ ପୁନର୍ବାର ନିଜ ନିଜ ଗ୍ରାମକୁ ଫେରିଯାଇଥିଲା । ଚଳିତ ବର୍ଷ ଲାଠି ଦେବତାଙ୍କ ଭିଡ଼ ଅଧିକ ଥିବା ବେଳେ ମନାବଜାର ସହ ମନୋରଞ୍ଜନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି।

## ସଂକ୍ଷେପରେ

### ମ୍ୟାନେଜରଙ୍କୁ ମାଡ଼ ମାରି ୨ ଗିରଫ

ଜୟପୁର, ୨୭।୩(ପବନ ପାଣିଗ୍ରାହୀ) ମ୍ୟାନେଜରଙ୍କୁ ମାଡ ମାରିବା ଅଭିଯୋଗରେ ୨ ଅଭିଯୁକ୍ତଙ୍କୁ ଜୟପୁର ଟାଉନ ପୋଲିସ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ଓଡିଆ ମେଦ୍ରୀ ସାହିର ହରି ନାଗ ଓରଫ କାଲୁ, ଗୋପବନ୍ଧୁ ନଗରର ସ୍ୱାଧୀନ ପାଣିଗ୍ରାହୀ ଏଲିୟସ ପଣ୍ଡା। ପୋଲିସ ସୂଚନାନୁଯାୟୀ ଜୟପୁର ନିଳକଣ୍ଠ ସାଗରର ବିକାଶ କାର୍ଯ୍ୟ ଚାଲିଛି। ଏହି ବିକାଶ କାର୍ଯ୍ୟ ଦେଖା ରଖା ପାଇ ଠିକାଦାର ଜଣେ ମ୍ୟାନେଜରଙ୍କୁ ନିଯୁକ୍ତ କରିଛନ୍ତି। ଉକ୍ତ ମ୍ୟାନେଜରଙ୍କୁ ଅଭିଯୁକ୍ତମାନେ ବଟି ମାଗିଥିଲେ। ନ ଦେବାରୁ ଧମକ ଚମକ ଦେବା ସହ ଆକ୍ରମଣ କରିଥିବା ନେଇ ଜୟପୁର ଟାଉନ ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତରେ ପୋଲିସ ୨ଅଭିଯୁକ୍ତଙ୍କୁ ଗିରଫ କରି ଲାଠି, ଲୁହା, ଛୁରି ଜବତ କରିଛି। ଗିରଫ ଦୁଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଟାଉନ ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

### ବସ୍ ଦୁର୍ଘଟଣାରେ ସାଇକେଲ ଆରୋହୀଙ୍କ ମୃତ୍ୟୁ

ଆସିକା, ୨୭।୩ (ସୁରେନ୍ଦ୍ର ନାଥ ସାହୁ): ଆସିକା ବଡନଦୀ ଶଙ୍ଖ ଉପରେ ବୁଧବାର ଏକ ଯାତ୍ରୀବାହୀ ବସ୍ ଦୁର୍ଘଟଣାରେ ଜଣେ ସାଇକେଲ ଆରୋହୀଙ୍କ ମୃତ୍ୟୁ ଘଟିଛି । ମୃତକ ଜଣକ ଆସିକା ସହର ଉପକଣ୍ଠ ବରଗାଁ ଗ୍ରାମର ବିଭୀଷଣ ମହାନ୍ତି (୭୯) ବୋଲି ଜଣାପଡିଛି। ବିଭୀଷଣ ସାଇକେଲରେ ଆସିକାରୁ ଗାଁକୁ ଫେରୁଥିଲା ବେଳେ ଆସିକାରୁ ଭୁବନେଶ୍ୱର ଯାଉଥିବା ଏକ ଯାତ୍ରୀବାହୀ ବସ ତାଙ୍କ ଉପରେ ମାଡିଯାଇଥିଲା। ପୋଲିସ ଘଟଣାସ୍ଥଳରୁ ମୃତଦେହ ଜବତ କରି ଆସିକା ସରକାରୀ ଡାକ୍ତରଖାନାରେ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଛି। ଦୁର୍ଘଟଣା ଘଟାଇଥିବା ବସ୍‌କୁ ପୋଲିସ ଜବତ କରିଛି।

### ବେଆଇନ ପାର୍କିଂରେ ଚଢ଼ାଉ

ଆସିକା, ୨୭।୩ (ସୁରେନ୍ଦ୍ର ନାଥ ସାହୁ): ଆସିକା ଏନଏସି ପକ୍ଷରୁ ବୁଧବାର ସହରାଞ୍ଚଳରେ ରାସ୍ତା କଡ଼ରେ ପାର୍କିଂ କରୁଥିବା ଯାନବାହାନ ଉପରେ ଧରପଗଡ ଅଭିଯାନ କରାଯାଇଥିଲା । ଆସିକା ବିଜୁ ପଟ୍ଟନାୟକ ଛକ, କଳିଙ୍ଗା ରୋଡ, ବସଷ୍ଟାଣ୍ଡ, ଲକ୍ଷ୍ମୀବଜାର, ବିନାୟକ ବଜାର, ଅଶୋକ ସିନେମା ରୋଡ ଆଦି ସ୍ଥାନରେ ରାସ୍ତା କଡରେ ଥିବା ୨ଚକିଆ ଓ ୪ ଚକିଆ ଯାନର ଫଟୋ ଉତ୍ତୋଳନ କରିଥିବା ଲକ୍ଷ୍ୟ କରାଯାଇଛି । ଏନଏସି ନିର୍ବାହୀ ଅଧିକାରୀ ଲୋକନାଥ ବେଜଙ୍କ ନେତୃତ୍ୱରେ ଏନଏସି କର୍ମଚାରୀ ଓ ପୋଲିସ ସାମିଲ ଥିଲେ।

### ଅନନ୍ତେଶ୍ୱର ମନ୍ଦିର ହୁଣ୍ଡି ଭାଙ୍ଗି ଚୋରି

ଶେରଗଡ,୨୭।୩(ସୂର୍ଯ୍ୟନାରାୟଣ ଦାଶ): ଶେରଗଡ ବ୍ଲକ ନରେନ୍ଦ୍ରପୁର ଗ୍ରାମରେ ଥିବା ଅନନ୍ତେଶ୍ୱର ମନ୍ଦିରରୁ ମଙ୍ଗଳବାର ରାତିରେ ହୁଣ୍ଡି ଭାଙ୍ଗି ଚୋରି କରିଛନ୍ତି ଦୁର୍ବୃତ୍ତ। ହୁଣ୍ଡିରେ ଗତ ଛଅ ମାସ ହେଲା ଟଙ୍କା କଢ଼ାଯାଇ ନଥିଲା। ଦୁର୍ବୃତ୍ତମାନେ ମଧ୍ୟରାତ୍ରିରେ ମନ୍ଦିର ଭିତରେ ପସି ହୁଣ୍ଡି ଭାଙ୍ଗି ଲକ୍ଷାଧିକ ଟଙ୍କା ଚୋରି କରି ଉକ୍ତ ହୁଣ୍ଡିକୁ ନିକଟସ୍ଥ ଜଙ୍ଗଲରେ ଫିଙ୍ଗି ଦେଇଛନ୍ତି ଦୁର୍ବୃତ୍ତ। ସକାଳୁ ଲୋକମାନେ ମନ୍ଦିରକୁ ଗଲାବେଳକୁ ହୁଣ୍ଡି ନ ଥିବା ଦେଖିବାକୁ ପାଇଥିଲେ। ଏନେଇ ଗ୍ରାମବାସୀ ହିଞ୍ଜିଳି ଥାନାରେ ଅଭିଯୋଗ କରିଛନ୍ତି।

# ଚିତ୍ରକୋଣ୍ଡା ଥାନା ପକ୍ଷରୁ ଫ୍ଲାଗ୍‌ମାର୍ଚ୍ଚ



ଚିତ୍ରକୋଣ୍ଡା, ୨୭।୩ (କ୍ଷୀରୋଦ ବେହେରା)

ସାଧାରଣ ନିର୍ବାଚନ ପାଖେଇ ଆସୁଥିବା ବେଳେ ଏହା କିଭଳି ଶାନ୍ତି ଶୃଙ୍ଖଳାର ସହ ହେବ ସେ ନେଇ ବୁଧବାର ମାଲକାନଗିରି ଜିଲା ଚିତ୍ରକୋଣ୍ଡା ଥାନା ଅଧିକାରୀ ମୁକୁନ୍ଦ ମେଲେକାଙ୍କ ନେତୃତ୍ୱରେ ଥାନାର ସମସ୍ତ କର୍ମଚାରୀ ଓ ବିଏସ୍‌ଏଫ ଯବାନ ଚିତ୍ରକୋଣ୍ଡା ଥାନା ଆଗରେ ଏକତ୍ରିତ ହୋଇ ସହର ତଥା କଲୋନୀରେ ପଦଯାତ୍ରା ସହ ଫ୍ଲାଗ୍‌ମାର୍ଚ୍ଚ କରିଥିଲେ। ପ୍ରତି ସାଧାରଣ ନିର୍ବାଚନ ପୂର୍ବରୁ ପୋଲିସ ତରଫରୁ ଏଭଳି ପଦକ୍ଷେପ ନିଆଯାଉଥିବା ବେଳେ ଚଳିତ ବର୍ଷ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଏଭଳି କରାଯାଇଛି। କୌଣସି ଅପ୍ରୀତିକର ଘଟଣାଠାରୁ ଦୁରେଇ ରହିବାକୁ ସତର୍କ ରହିବା ସହ ଶାନ୍ତି ଶୃଙ୍ଖଳା ରଖିବାକୁ ଆହ୍ୱାନ ଦେଉଛନ୍ତି ।

## ବାଇକ୍ ଟ୍ରାକ୍ଟର ମୁହାଁମୁହିଁ ଧକ୍କା: ଜଣେ ଗୁରୁତର

ଦାରିଙ୍ଗବାଡି, ୨୭।୩(ଅରୁଣ ସାହୁ): ଦାରିଙ୍ଗବାଡି ଥାନା ସିମନବାଡିର ଜାତୀୟ ରାଜପଥ ଉପରେ ସୋମବାର ଏକ ବାଇକ୍ ସହ ଟ୍ରାକ୍ଟର ମୁହାଁମୁହିଁ ଧକ୍କା ହେ ବାରୁ ବାଇକ ଚାଳକ ମିଳନ ପ୍ରଧାନ ଗୁରୁତର ଆହତ ହୋଇଛନ୍ତି। ମିଳନ ନିଜ ଗ୍ରାମ ଲାରିବାଡିରୁ କୌଣସି କାର୍ଯ୍ୟରେ ସିମନବାଡି ଆସିଥିଲେ। ଗୋଟିଏ ଟ୍ରାକ୍ଟର ରାଜପଥ ଉପରେ ଠିଆ ହୋଇଥିବା ବେଳେ ମିଳନ ଦ୍ରୁତ ଗତିରେ ଆସି ଭାରସାମ୍ୟ ହରାଇ ଟ୍ରାକ୍ଟରକୁ ସାମନାପଟୁ ଧକ୍କା ଦେଇଥିଲେ ଫଳରେ ସେଠାରେ ହିଁ ମିଳନ ପଡିଯାଇଥିଲେ। ତାଙ୍କୁ ସ୍ଥାନୀୟ ଲୋକ ଉଦ୍ଧାର କରି ଦାରିଙ୍ଗବାଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ।

## ଗଛକୁ ପିଟିଲା ବାଇକ୍, ଜଣେ ମୃତ

ମୋହନା,୨୭।୩(ମନ୍ମଥ ମିଶ୍ର)

ଭାରସାମ୍ୟ ହରାଇ ଗଛକୁ ପିଟିଲା ବାଇକ୍। ଫଳରେ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ଗଜପତି ଜିଲା ମୋହନା ଥାନା ଡେଙ୍ଗାମା ଛକ ନିକଟରେ ମଙ୍ଗଳବାର ବିଳମ୍ବିତ ରାତିରେ ଘଟିଛି ଏହି ଦୁର୍ଘଟଣା। ମୃତକ ଜଣକ ହେଲେ ଆର.ଉଦୟଗିରି ଥାନା ଘୋଡାକୋଣ ଗାଁର ଆଦିତ୍ୟ ରାଇକା (୨୪) ଓ ଆହତ ଜଣଙ୍କ ହେଲେ ବୁର୍ଦ୍ଦୁଗୁଡ଼ା ଗାଁ ଦିନେଶ ରଇତ (୨୨) ବୋଲି ସୂଚନା ମିଳିଛି। ଦୁହେଁ ଡେଙ୍ଗାମା ଗାଁରେ ଭୋଜି ଖାଇ ଆର.ଉଦୟଗିରି ଅଭିମୁଖେ ଫେରୁଥିବା ବେଳେ ଭାରସାମ୍ୟ ହରାଇ ରାସ୍ତା କଡ଼ରେ ଥିବା ଗଛକୁ ପିଟି ହୋଇଥିଲା। ଦିନେଶଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ଥିବାରୁ ଡାକ୍ତର ବ୍ରହ୍ମପୁର ଏମକେସିଜି ବଡ଼ ମେଡିକାଲକୁ ସ୍ଥାନାନ୍ତର କରିଛନ୍ତି। ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତ ଆଦିତ୍ୟ ଓ ବାଇକ (ଓଡି ୨୦ଏ ୦୬୨୭) କୁ ଜବତ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ମେଡିକାଲକୁ ପଠାଇଦେଇଛି।

## ବାଣ ନିଆଁରେ ଜଳିଗଲା ୩ ଘର

ପୋଲସରା,୨୭।୩(ସୁବ୍ରତ ବେହେରା): ଗଞ୍ଜାମ ଜିଲା ପୋଲସରା ଏନ୍‌ଏସି ବ୍ରାହ୍ମଣ ସାହି ଛକ ନିକଟସ୍ଥ ହରିଜନ ବସ୍ତିରେ ବାସ କରୁଥିବା ୩ ପରିବାରର ଘର ବିଜେଡ଼ି ବାଣ ନିଆଁରେ ଜଳିଯାଇଛି। ବୁଧବାର ବିଜେଡିର ଲୋକସଭା ଓ ବିଧାନସଭା ପ୍ରାର୍ଥୀ ଘୋଷଣା ପରେ ପୋଲସରା ପୂର୍ବତନ ବିଧାୟକ ଶ୍ରୀକାନ୍ତ ସାହୁଙ୍କ ଟିକଟ ଘୋଷଣାକୁ ନେଇ ସମର୍ଥକମାନଙ୍କ ପୋଲସରା ସହରରେ ବାଣ ଫୁଟାଇ ଉତ୍ସାହ ଦେଖିବାକୁ ମିଳିଥିଲା।

# ଫାଇନାଲରେ ପଡିଆ ଟିମ୍ ବିଜୟୀ




ଅତିଥିଙ୍କ ଗହଣରେ ଖେଳାଳି।

ବାଲିମେଳା,୨୭।୩(ଶିବଦତ୍ତ ସାହୁ)

## ଅନିଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ

ବାଲିମେଳା ସହରର ମିନି ଷ୍ଟାଡିୟମରେ ୭ ଦିନ ଧରି ଚାଲିଥିବା ଅନିଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ପଡିଆ ଟିମ୍ ବିଜୟ ହୋଇଛି। ଫାଇନାଲ ମ୍ୟାଚ ବାଲିମେଳା ଓ ପଡିଆ ଟିମ୍ ମଧ୍ୟରେ ହୋଇଥିଲା। ପଡିଆ ଟିମ ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ୨୪ ଓଭରରେ ସମସ୍ତ ଉଇକେଟ ହରାଇ ୨୪୧ ରନ କରିଥିଲା। ଜବାବରେ ବାଲିମେଳା ଟିମ୍ ୨୫ ଓଭରରେ ୮ ଉଇକେଟ ହରାଇ ୨୦୪ ରନ କରିଥିଲା। ଫଳରେ ପଡିଆ ଟିମ୍ ବିଜୟ ଲାଭ କରି ଉଇନର ଟ୍ରଫି ହାସଲ କରିବା ସହ ୩୦ ହଜାର ଟଙ୍କା ପୁରସ୍କାର ପାଇଥିଲା। ସେହିପରି ବାଲିମେଳା ଟିମ୍‌କୁ ରନର୍ସ ଭାବେ ଟ୍ରଫି ସହ ୨୦ ହଜାର ଟଙ୍କା ଦିଆଯାଇଥିଲା। ମ୍ୟାଚରେ ପଡିଆ ଟିମ୍ ମ୍ୟାନ ଅଫ ଦି ମ୍ୟାଚ ସନ୍ଦୀପ କୁମାର ଯେକି ୬୪ ବଲରେ ୧୨୧ ରନ କରିଥିଲେ। ସେହିପରି ମ୍ୟାନ ଅଫ ଦି ସିରିଜ ବାଲିମେଳା ଟିମ୍‌ର ସନ୍ଦୀପ ତ୍ରିପାଠୀଙ୍କୁ ପ୍ରଦାନ କରାଯାଇଥିଲା। ମ୍ୟାଚରେ ଅମ୍ପାୟାର ଭାବେ ବନମାଳୀ ମଲ୍ଲିକ ଏବଂ ଲକ୍ଷ୍ମୀକାନ୍ତ ପୂଜାରୀ ରହିଥିଲେ। ଫାଇନାଲ ମ୍ୟାଚରେ ମୁଖ୍ୟ ଅତିଥି ଭାବେ ବିଏସ୍‌ଫ ୮୮ ବାଟାଲିୟନ କମାଣ୍ଡାଣ୍ଟ ଗୁରଜିତ ସିଂ ଯୋଗ ଦେଇଥିଲେ। ଇଣ୍ଡିଆ କ୍ରିକେଟ ଟିମ ପୂର୍ବତନ ମ୍ୟାନେଜର ସତବୀର ସିଂ ରିଆର, ବାଲିମେଳା ଜଳ ବଦ୍ୟୁତ୍ କେନ୍ଦ୍ର ମ୍ୟାନେଜର ରଞ୍ଜିତ କୁମାର ଦାସ, କ୍ରିକେଟ ଆସୋସିଏସନ ସଭାପତି ଆଲୋକ କୁମାର ମହାପାତ୍ର ଓ ପ୍ରେସ କ୍ଲବ ସଭାପତି ରବିରଶ୍ମି ଗୁରୁ ପ୍ରମୁଖ ଯୋଗ ଦେଇଥିଲେ। ଏହାକୁ ବାଲିମେଳା ଚ୍ୟାଲେଞ୍ଜ କ୍ରିକେଟ କ୍ଲବ ଆୟୋଜନ କରିଥିଲା।

# ଗର୍ଭପାତ ପରେ ନାବାଳିକାଙ୍କ ମୃତ୍ୟୁ

ଏମ୍‌ଭି,୭୯,୨୭।୩(ଭିକି ବାରିକ)

## ଆଶାକର୍ମୀଙ୍କ ବିରୋଧରେ ପରିବାର ଲୋକଙ୍କ ଅଭିଯୋଗ

ମାଲକାନଗିରି ଜିଲା ମୋଟୁ ଥାନା ଅଞ୍ଚଳରେ ବେଆଇନ ଭାବେ ଜଣେ ନାବାଳିକାଙ୍କ ଗର୍ଭପାତ ପରେ ରକ୍ତସ୍ରାବ ଯୋଗୁ ତାଙ୍କର ସୋମବାର ମୃତ୍ୟୁ ହୋଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି । ମୋଟୁ ଥାନା ଅଞ୍ଚଳର ନାବାଳିକାଙ୍କ ସହ ଜଣେ ଯୁବକଙ୍କର ଅବୈଧ ସମ୍ପର୍କ ଯୋଗୁ ସେ ଗର୍ଭବତୀ ହୋଇଥିଲେ। ଗର୍ଭଧାରଣର ବିଷୟରେ ନାବାଳିକାଙ୍କ ମା' ଜାଣିବା ପରେ ଝିଅକୁ ନେଇ ଏମଭି ୯୬ ଗ୍ରାମର ଜଣେ ଆଶାକର୍ମୀଙ୍କ ପାଖକୁ ଯାଇଥିଲେ। ସେ ଜଣେ କ୍ୱାକ୍‌ଙ୍କ ଭଳି ଚିକିତ୍ସା କରୁଥିବା ବେଳେ ନାବାଳିକାଙ୍କ ଗର୍ଭପାତ କର ବାକୁ ରାଜି ହୋଇ ୫ ହଜାର ଟଙ୍କା ମଧ୍ୟ ନେଇଥିଲେ । ନାବାଳିକାଙ୍କ ଗର୍ଭପାତ କରାଇବାକୁ ଆଶାକର୍ମୀ ଔଷଧ ଦେଇଥିଲେ। ଏହାକୁ ଖାଇବା ପରେ ଏହାପରେ ସେ ଗୁରୁତର ହୋଇପଡିବା ସହ ପ୍ରଚୁର ରକ୍ତସ୍ରାବ ପରେ ନାବାଳିକାଙ୍କର ମୃତ୍ୟୁ ହୋଇଥିବା ପରିବାର ପକ୍ଷରୁ ଅଭିଯୋଗ ହୋଇଛି । ଘଟଣା ପରଠାରୁ ସମ୍ପୃକ୍ତ ଆଶାକର୍ମୀ ଫେରାର ଅଛନ୍ତି । ଏନେଇ ମୋଟୁ ଥାନାରେ ନଂ. ୬/୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୋଲିସ ଘଟଣାର ତଦନ୍ତ ଜାରି ରଖିଛି। ତଦନ୍ତ ପରେ ଘଟଣାର ସତ୍ୟତା ଜଣାପଡିବ ବୋଲି ଥାନା ଅଧିକାରୀ ସୁନିଲ କୁମାର ସୋରେନ କୁମାର କହିଛନ୍ତି ।

# ପୃଥକ୍ ସ୍ଥାନରେ ବୁଡ଼ି ୨ ମୃତ

ଛତ୍ରପୁର,୨୭।୩(ସନ୍ତୋଷ ପାଢ଼ୀ)

ପୃଥକ ସ୍ଥାନରେ ବୁଡ଼ି ୨ ଜଣଙ୍କ ମୃତ୍ୟୁ ଘଟିଛି। ଚମାଖଣ୍ଡି ଥାନା ଅଞ୍ଚଳରେ ଏହି ଘଟଣା ଘଟିଛି। ହୋଲି ଖେଳ ସାରି ଗାଧୋଇଲା ବେଳେ ମାଙ୍ଗୁଆରୀପେଟା ଗ୍ରାମରେ ଥିବା ଏକ ପୋଖରୀରେ ବୁଡି ପି. ମନ୍ମଥ ରାଓଙ୍କ ମୃତ୍ୟୁ ଘଟିଛି । ସେ ଗାଧୋଇବାକୁ ଯାଇଥିବା ବେଳେ ତାଙ୍କର ଗୋଡ ଖସି ଯାଇଥିଲା। ପରିବାର ଲୋକେ ସଙ୍ଗେ ସଙ୍ଗେ ତାଙ୍କୁ ଉଦ୍ଧାର କରି ଛତ୍ରପୁର ଉପଖଣ୍ଡ ଚିକିତ୍ସାଳୟକୁ ଆଣିଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେହିପରି ବାସନାପୁଟି ଗ୍ରାମ ନିକଟ ଆଇଆର୍‌ଇଏଲ ଡ୍ରେଜିଙ୍ଗ ଅଞ୍ଚଳରେ ଥିବା ଏକ ଗଭୀର ଖାତରେ ବୁଡି ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତବ୍ୟକ୍ତି ଜଣକ ହେଲେ ବାସନାପୁଟି ଗ୍ରାମର ଖଲ୍ଲୀ ନାୟକ। ସେ ସେଠାକୁ ଗାଧୋଇବାକୁ ଯାଇଥିବା ବେଳେ ତାଙ୍କ ଗୋଡ଼ ଖସିଯାଇଥିଲା।

# ଚିତ୍ରକୋଣ୍ଡାରେ ଖୋଲିଲା ଜଳଛତ୍ର

ଚିତ୍ରକୋଣ୍ଡା,୨୭।୩(କ୍ଷୀରୋଦ ବେହେରା)

ଚଳିତ ଫଗୁଣ ମାସ ସରିନଥିବା ବେଳେ ସୂର୍ଯ୍ୟତାପ ବଢ଼ିବାରେ ଲାଗିଛି। ପ୍ରଚଣ୍ଡ ଖରା ଓ ଗୁଳୁଗୁଳି ହେଉଥିବା ବେଳେ ବାଟୋଇ ତଥା ଜନସାଧାରଣଙ୍କ ଶୋଷ ମେଣ୍ଟାଇବା ଲାଗି ଜଳଛତ୍ରର ଆବଶ୍ୟକତା ରହିଛି। ଏହାକୁ ମହତ କାର୍ଯ୍ୟ ଭାବି ସ୍ୱେଚ୍ଛାକୃତ ଭାବେ ଆଗେଇ ଆସିଛି ଚିତ୍ରକୋଣ୍ଡା ଲାଲ ବାହାଦୂର ଶାସ୍ତ୍ରୀ ସ୍ପୋର୍ଟ ଏଣ୍ଡ ୟୁଥ କ୍ଲବ। ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ୟାଙ୍କ ଲାଇନ ଗଉଡ଼ସାହିର ଲାଲ ବାହାଦୁର ଶାସ୍ତ୍ରୀ କ୍ରିକେଟ ଏଣ୍ଡ ସ୍ପୋର୍ଟ୍ସ କ୍ଲବ ଆନୁକୂଲ୍ୟରେ ଚଳିତ ବର୍ଷ ସ୍ୱେଚ୍ଛାକୃତ ଭାବେ ଚିତ୍ରକୋଣ୍ଡା ବ୍ୟାଙ୍କ ଲାଇନ ଛକ, ମାଙ୍କିଡିଛକ ଓ ଗୌଡ଼ ସାହି ଖେଳ ପଡିଆଠାରେ ଜଳ ଛତ୍ର ଖୋଲାଯାଇଛି।



# ୭୦ ହଜାରରୁ ଊର୍ଦ୍ଧ୍ୱ ଭକ୍ତଙ୍କ ସମାଗମ

## ନର ନାରାୟଣ ସେବାଶ୍ରମରେ ଦୋଳ ପୂର୍ଣ୍ଣିମା

ମାଲକାନଗିରି,୨୭।୩ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା କାଲିମେଳା ବ୍ଲକ ବଦଲି ପଞ୍ଚାୟତ ପୋଟେରୁ ନରନାରାୟଣ ସେବାଶ୍ରମ ତରଫରୁ ବିଗତ ୪୯ ବର୍ଷ ଧରି ପବିତ୍ର ଦୋଳ ପୂର୍ଣ୍ଣିମା ପାଳିତ ହୋଇ ଆସୁଛି। ଉତ୍ସବରେ ବିଭିନ୍ନ ଜିଲା ଏବଂ ବାହାରୁ ୭୦ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ଅଂଶଗ୍ରହଣ କରି ନରନାରାୟଣଙ୍କ ପୂଜାର୍ଚ୍ଚନା କରିଥିଲେ। ସେବାଶ୍ରମ ସଭାପତି ଉତ୍ତମ କୁମାର ଓଝା ଆଶ୍ରମର ଉନ୍ନତି ପାଇଁ ଭକ୍ତଙ୍କ ରହଣୀ, ସ୍ନାନ, ଶୌଚ, ପ୍ରସାଦ ପ୍ରସ୍ତୁତି ଶାଳା, ସୌନ୍ଦର୍ଯ୍ୟକରଣ ଓ ଚାରାରୋପଣ ଆଦି କାର୍ଯ୍ୟ କରି



ଦୋଳପୂର୍ଣ୍ଣିମା ଅବସରରେ ସଂକୀର୍ତ୍ତନ କରାଯାଉଛି।

ଭକ୍ତଙ୍କ ପ୍ରଶଂସାର ପାତ୍ର ହୋଇଛନ୍ତି । ବଙ୍ଗାଳୀ ସମାଜ ସଭାପତି ଗୌରାଙ୍ଗ କର୍ମକାର ଏହି ଆଶ୍ରମ ଏବଂ ଏହାର ଭକ୍ତମାନଙ୍କ ସମ୍ପର୍କରେ ସୂଚନା ଦେଇ ଏହି ଆଶ୍ରମ ମାଲକାନଗିରି ଜଲା ପାଇଁ ଏକ ଭାଇଚାରାର ପ୍ରତୀକ । ଆଶ୍ରମର ପ୍ରମୁଖ ତପନ ସାନା କହିଛନ୍ତି, ଆଶ୍ରମର ଉନ୍ନତି ପାଇଁ ରାଜ୍ୟ ସରକାର ଆର୍ଥିକ ଅନୁଦାନ ଦେଇଥିବାରୁ ସରକାରଙ୍କୁ ଧନ୍ୟବାଦ ଜଣାଇବା ସହ ମାଲକାନଗିରି ଜିଲା ଆଦିବାସୀ ଓ ଅଣଆଦିବାସୀ ଏବଂ ବିଭିନ୍ନ ସମ୍ପ୍ରଦାୟର ଲୋକମାନେ ଏକତ୍ରିତ ହୋଇ ଉତ୍ସବକୁ ପ୍ରତିବର୍ଷ ଆନନ୍ଦ ଉଲ୍ଲାସରେ ପାଳନ କରିବା ସହ ହୋଲି ଖେଳି ଭାଇଚାରା ବଜାୟ ରଖିଛନ୍ତି ।

# କୌଶଲ୍ୟା, ଜଗନ୍ନାଥ ଓ ରଘୁନାଥଙ୍କୁ ରିପିଟ୍: ଅନୂସୟା ନୂଆ

## ବିଜେଡିର କୋରାପୁଟ ଲୋକ ସଭା ଓ ରାୟଗଡ଼ା ବିଧାନସଭା ଆସନ ଘୋଷଣା


କୌଶଲ୍ୟା ହିକ୍କା


ଜଗନ୍ନାଥ ସାରକା


ରଘୁନାଥ ଗମାଙ୍ଗ


ଅନୂସୟା ମାଝି

**ରାୟଗଡ଼ା,୨୭।୩(ଆଶିଷ ରଞ୍ଜନ ପଣ୍ଡା)**

ବିଜେଡି ପକ୍ଷରୁ ଓଡ଼ିଶାର ବିଭିନ୍ନ ଲୋକ ସଭା ଓ ବିଧାନସଭା ଆସନ ପାଇଁ ବୁଧବାର ପ୍ରାର୍ଥୀ ତାଲିକା ଘୋଷଣା ହୋଇଛି। ଦଳ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଥମ ପର୍ଯ୍ୟାୟରେ ବିଭିନ୍ନ ଲୋକ ସଭା ଓ ବିଧାନସଭା ଆସନ ପାଇଁ ପ୍ରାର୍ଥୀ ଘୋଷଣା କରିଛନ୍ତି। କୋରାପୁଟ ଲୋକ ସଭା ଆସନ ପାଇଁ କୌଶଲ୍ୟା ହିକ୍କାଙ୍କ ନାମ ଘୋଷଣା କରାଯାଇଛି । ସେହିଭଳି ରାୟଗଡ଼ା ଜିଲାର ୩ ବିଧାନସଭା ଆସନ ମଧ୍ୟରୁ ବିଷମକଟକ ପାଇଁ ଜଗନ୍ନାଥ ସାରକା, ଗୁଣପୁର ପାଇଁ ରଘୁନାଥ ଗମାଙ୍ଗ ଏବଂ ରାୟଗଡ଼ା ପାଇଁ ଅନୂସୟା ମାଝିଙ୍କ ନାମ ଘୋଷଣା କରାଯାଇଛି। ଏମ୍‌ପି ପ୍ରାର୍ଥୀ କୌଶଲ୍ୟା ହିକ୍କା, ବିଧାୟକ ପ୍ରାର୍ଥୀ ଜଗନ୍ନାଥ ସାରକା ଓ ରଘୁନାଥ ଗମାଙ୍ଗଙ୍କୁ ଦଳ ରିପିଟ୍ କରିଥିବା ବେଳେ ରାୟଗଡ଼ା ବିଧାନସଭା ଆସନ ପାଇଁ ନୂଆ ମୁହଁ ଅନୂସୟା ମାଝିଙ୍କ ଉପରେ ଦଳ ଭରସା କରିଛି। ୨୦୨୪ ସାଧାରଣ ନିର୍ବାଚନରେ ଲଢ଼ିବା ପାଇଁ ସୁଯୋଗ ମିଳିଥିବାରୁ ପ୍ରର୍ଥୀମାନେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ, ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ରାୟଗଡ଼ା ଜିଲା ପର୍ଯ୍ୟବେକ୍ଷକ ତଥା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଏବଂ କୋରାପୁଟ ଜିଲା ପର୍ଯ୍ୟବେକ୍ଷକ ଦିବ୍ୟଶଙ୍କର ମିଶ୍ରଙ୍କୁ ଧନ୍ୟବାଦ ଜଣାଇଛନ୍ତି।

କୌଶଲ୍ୟା ୨୦୧୯ ସାଧାରଣ ନିର୍ବାଚନରେ କୋରାପୁଟ ଲୋକ ସଭା ଆସନ ପାଇଁ ବିଜେଡିରୁ ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ି ୩ ଲକ୍ଷ ୬୭ ହଜାର ୫୧୬ ଖଣ୍ଡ ଭୋଟ ପାଇଥିଲେ। ତେବେ ଏଥିରେ ସେ ନିଜର ନିକଟତମ ପ୍ରତିଦ୍ୱନ୍ଦ୍ୱୀ କଂଗ୍ରେସ ପ୍ରାର୍ଥୀ ସପ୍ତଗିରି ଶଙ୍କର ଉଲାକାଙ୍କଠାରୁ ୩ ହଜାର ୬୧୩ ଖଣ୍ଡ ଭୋଟରେ ପଛୁଆ ରହି ପରାଜିତ ହୋଇଥିଲେ। କୋରାପୁଟ ଲୋକ ସଭା ଆସନକୁ କଂଗ୍ରେସ ହାତରୁ ଛଡ଼ାଇ ନେଇ ୨୦୦୯ରେ ବିଜେଡିରୁ ଜୟରାମ ପାଙ୍ଗୀ ଏବଂ ୨୦୧୪ରେ ଝିନ୍ନ ହିକକା ଏମ୍‌ପି ହୋଇଥିଲେ । ତେବେ ୨୦୧୯ରେ ନବାଗତ କଂଗ୍ରେସ ପ୍ରାର୍ଥୀ ସପ୍ତଗିରି ଉଲାକା ସମସ୍ତଙ୍କୁ ମାତ୍ ଦେଇ ପୁଣି ଥରେ କଂଗ୍ରେସ ଗଡ଼କୁ ଫେରାଇ ଆଣିଥିଲେ । ବିଜେଡି ଗତ ଥର ମହିଳା କାର୍ଡ ଖେଳି ପରାଜୟ ବରଣ କରିଥିଲେ ମଧ୍ୟ ବର୍ତ୍ତମାନ ପୁନର୍ବାର ମହିଳା କାର୍ଡ ଖେଳିଛି । ତେବେ ଏଥରର ନିର୍ବାଚନରେ ଏହି କାର୍ଡ କେତେଦୂର ସହାୟକ ହେବ ତାହାକୁ ନେଇ ରାଜନୈତିକ ସମୀକ୍ଷକଙ୍କ ଆକଳନ ଆରମ୍ଭ ହୋଇଯାଇଛି ।

ରାୟଗଡ଼ା ଜିଲା ବିଷମକଟକ ବିଧାନସଭା ଆସନରେ ୨୦୧୪ ଓ ୨୦୧୯ରେ ବିଜେଡିରୁ ପ୍ରାର୍ଥୀ ହୋଇ ନିର୍ବାଚନ ଜିତିଥିବା ବିଧାୟକ ତଥା ମନ୍ତ୍ରୀ ଜଗନ୍ନାଥ ସାରକାଙ୍କ ଉପରେ ଦଳ ପୁଣି ଥରେ ଆସ୍ଥା ପ୍ରକଟ କରିଛି । ଜଗନ୍ନାଥ ସାରକା ୨୦୦୯ରେ ବିଜେଡିରୁ ପ୍ରାର୍ଥୀ ହୋଇ କଂଗ୍ରେସ ପ୍ରାର୍ଥୀ ଡମ୍ବରୁଧର ଉଲାକାଙ୍କଠାରୁ ମାତ୍ର ୩୪୯ ଭୋଟରେ ପରାସ୍ତ ହୋଇଥିଲେ ହେଁ ୨୦୧୪ରେ ପୁଣି ଥରେ ବିଜେଡିରୁ ପ୍ରାର୍ଥୀ ହୋଇ କଂଗ୍ରେସ ପ୍ରାର୍ଥୀ ଡମ୍ବରୁଧର ଉଲାକାଙ୍କୁ ୨୯,୧୮୬ ଭୋଟରେ ପରାସ୍ତ କରିଥିଲେ । ଏହାପରେ ୨୦୧୯ରେ ପୁନର୍ବାର ବିଜେଡିରୁ ପ୍ରାର୍ଥୀ ହୋଇ କଂଗ୍ରେସ ପ୍ରାର୍ଥୀ ନୀଳମାଧବ ହିକ୍କାଙ୍କୁ ୧୩,୩୩୨ଭୋଟରେ ପରାସ୍ତ କରିଥିଲେ ଜଗନ୍ନାଥ ସାରକା । ୨ଥର ନିର୍ବାଚନରେ ବିଜୟୀ ହୋଇଥିବା ମନ୍ତ୍ରୀ ଜଗନ୍ନାଥ ଏଥର ହ୍ୟାଟ୍ରିକ ମାରିବା ଲକ୍ଷ୍ୟରେ ରହିଛନ୍ତି ।

ସେହିପରି ଗୁଣପୁରରେ ୨୦୧୯ ସାଧାରଣ ନିର୍ବାଚନରେ ପ୍ରଥମ ଥର ବିଜେଡିରୁ ପ୍ରାର୍ଥୀ ହୋଇଥିବା ରଘୁନାଥ ଗମାଙ୍ଗଙ୍କୁ ପୁଣି ଥରେ ଦଳ ପ୍ରାର୍ଥୀ କରିଛି । ଗୁଣପୁର ଆସନରେ ପ୍ରତ୍ୟେକ ଥର ନୂଆ ପ୍ରାର୍ଥୀ ଦେଉଥିବା ବିଜେଡି, କିନ୍ତୁ ଏଥର ପୁଣି ଥରେ ରଘୁନାଥଙ୍କୁ ରିପିଟ୍ କରିଛି । ରଘୁନାଥ ଗତ ନିର୍ବାଚନରେ ୬୨୭୦ ଭୋଟରେ କଂଗ୍ରେସ ପ୍ରାର୍ଥୀଙ୍କୁ ପରାସ୍ତ କରିଥିଲେ ।

ତେବେ ଚଳିତ ନିର୍ବାଚନରେ ସବୁଠାରୁ ଚର୍ଚ୍ଚାରେ ରହିଛି ରାୟଗଡ଼ା ବିଧାନସଭା ଆସନ । ୨୦୧୯ ନିର୍ବାଚନରେ ବିଜେଡି ପରାଜିତ ହୋଇଥିବାରୁ ଚଳିତ ଥର ମହିଳା କାର୍ଡ ଖେଳିଛି । ସମସ୍ତ ପୁରୁଖା ଆଶାୟୀଙ୍କୁ ପଛରେ ପକାଇ ଟିକେଟ ହାତେଇ ନେଇଛନ୍ତି ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷା ଅନୂସୟା ମାଝି । ଗତ ସାଧାରଣ ନିର୍ବାଚନରେ ପୂର୍ବତନ ମନ୍ତ୍ରୀ ଲାଲବିହାରୀ ହିମିରିକା ବିଜେଡିରୁ ପ୍ରାର୍ଥୀ ହୋଇଥିବା ବେଳେ ଏଠାରେ ସ୍ୱାଧୀନ ପ୍ରାର୍ଥୀ ମକରନ୍ଦ ମୁଦୁଲି ୪୮୭୦ଖଣ୍ଡ ଭୋଟ ଅଧିକ ପାଇ ବିଜୟୀ ହୋଇଥିଲେ। ତେବେ ରାୟଗଡ଼ା ବିଧାନସଭା ଆସନରେ ଏହି ମହିଳା କାର୍ଡ ବିଜେଡି ପାଇଁ କେତେ ସହାୟକ ହେବ ତାହା ସମୟ କହିବ ।

## ବିଜେଡିରେ ପରମ୍ପରା ଭାଙ୍ଗିଲା

**ଗୁଣପୁର ନିର୍ବାଚନ ମଣ୍ଡଳୀ**

ଗୁଣପୁର,(ପ୍ରଦୀପ କୁମାର ପାଢ଼ୀ)- ସାଧାରଣ ନିର୍ବାଚନ ପାଇଁ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଆସନ୍ତା ନିର୍ବାଚନ ପାଇଁ ବୁଧବାର ବିଜେଡି ପ୍ରାର୍ଥୀ ଘୋଷଣା କରିଛି। ରାୟଗଡ଼ା ଜିଲା ଗୁଣପୁର ବିଧାନସଭା ନିର୍ବଚନମଣ୍ଡଳୀ ପାଇଁ ରିପିଟ୍ ହୋଇଛନ୍ତି ରଘୁନାଥ ଗମାଙ୍ଗ। ଦଳର ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କ ଉପରେ ପୁଣି ଆସ୍ଥା ପ୍ରକଟ କରିଛନ୍ତି। ଗତ ୨ଟି ସାଧାରଣ ନିର୍ବାଚନରେ ବିଜେଡି ତା'ର ପ୍ରାର୍ଥୀ ପରିବର୍ତ୍ତନ କରୁଥିବାବେଳେ ଚଳିତ ଥର ବିଜେଡିର ଏହି ପରମ୍ପରାରେ ପୂର୍ଣ୍ଣଚ୍ଛେଦ ପଡ଼ିଛି। ରଘୁନାଥ ଗମାଙ୍ଗ ପୁଣି ବିଧାୟକ ପ୍ରାର୍ଥୀ ହୋଇଛନ୍ତି। ଏହାକୁ ନେଇ କର୍ମୀ ମହଲରେ ଉତ୍ସାହ ପରିଲକ୍ଷିତ ହୋଇଛି। ଏଥିପାଇଁ ବିଧାୟକ ରଘୁନାଥ ଗମାଙ୍ଗ ଦଳର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମେତ ସଙ୍ଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

୨୦୦୯ ସାଧାରଣ ନିର୍ବାଚନରେ ମେଣ୍ଟ ଭାଙ୍ଗିବା ପରେ ବିଜେଡି ପକ୍ଷରୁ ରାମମୂର୍ତ୍ତି ମୁଟ୍ଟିକା ପ୍ରାର୍ଥୀ ହୋଇ କଂଗ୍ରେସର ଶିଶିର ଗମାଙ୍ଗଙ୍କୁ ପରାସ୍ତ କରିଥିଲେ। ଜିଲାରେ ଭାସ୍କର ରାଓଙ୍କ ସହ ତାଙ୍କର ତୀବ୍ର ମତଭେଦ କାରଣରୁ ୨୦୧୪ ନିର୍ବାଚନରେ ରାମମୂର୍ତ୍ତି ମୁଟ୍ଟିକା ଟିକେଟ ପାଇବାରୁ ବଞ୍ଚିତ ହୋଇଥିଲେ। ୨୦୧୪ ନିର୍ବାଚନରେ ବିଜେଡି ପ୍ରାର୍ଥୀ ପରିବର୍ତ୍ତନ କରି ରାମମୂର୍ତ୍ତି ମୁଟ୍ଟିକାଙ୍କ ବଦଳରେ ତ୍ରିନାଥ ଗମାଙ୍ଗଙ୍କୁ ପ୍ରାର୍ଥୀ କରିଥିଲା। ୨୦୧୯ ନିର୍ବାଚନରେ ବିଜେଡି ପୁଣି ତା'ର ପ୍ରାର୍ଥୀ ପରିବର୍ତ୍ତନ କରିଥିଲା। ସେତେବେଳେ ତ୍ରିନାଥଙ୍କ ବଦଳରେ ରଘୁନାଥ ଗମାଙ୍ଗ ବିଜେଡିର ପ୍ରାର୍ଥୀ ହୋଇଥିଲେ। ଏପରି ୨ଟିନିର୍ବାଚନ ପରେ ରଘୁନାଥ ଗମାଙ୍ଗ ୨୦୨୪ରେ ପୁଣି ଥରେ ପ୍ରାର୍ଥୀ ହେଉଛନ୍ତି ନା ନାହିଁ, ତାକୁ ନେଇ ନାନା କଳ୍ପନା ଜଳ୍ପନା ଲାଗି ରହିଥିଲା। ପଦ୍ମପୁର ବ୍ଲକର ପୂର୍ବତନ ଅଧ୍ୟକ୍ଷ ରମାକାନ୍ତ ମାଝି ମଧ୍ୟ ଆଶାୟୀ ରହିଥିଲେ। ହେଲେ ସମସ୍ତ କଳ୍ପନା ଜଳ୍ପନାର ଅନ୍ତ ଘଟାଇ ବିଧାୟକ ରଘୁନାଥ ଗମାଙ୍ଗ ପୁଣି ଥରେ ଟିକେଟ ପାଇବାରେ ସଫଳ ହୋଇଛନ୍ତି। ଜିଲା ନେତୃତ୍ୱଙ୍କ ସହ ତାଙ୍କର ଉତ୍ତମ ବୁଝାମଣା ଯୋଗୁ ରଘୁନାଥ ପୁଣି ଥରେ ରିପିଟ୍ ହୋଇ ବିଜେଡିର ଟିକେଟ ପରିବର୍ତ୍ତନ ପରମ୍ପରାକୁ ଭଙ୍ଗ କରିବାରେ ସକ୍ଷମ ହୋଇଛନ୍ତି। ବିଜେଡି ପୁଣି ଥରେ ଏଠାରେ ବିଜୟ ଲାଭ କରିବ ବୋଲି ସେ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି। ଅପରପକ୍ଷେ ଗୁଣପୁର ନିର୍ବାଚନମଣ୍ଡଳୀ ପାଇଁ ଏ ପର୍ଯ୍ୟନ୍ତ କଂଗ୍ରେସ ଏବଂ ଭାଜପା ପକ୍ଷରୁ ପ୍ରାର୍ଥୀ ଘୋଷଣା ହୋଇନାହିଁ।

## ବିଜେଡି ଛାଡିଲେ ନାରୀ ନେତ୍ରୀ ସୁଜାତା

**ରାୟଗଡ଼ା,୨୭।୩(ଆଶିଷ ରଞ୍ଜନ ପଣ୍ଡା)**

ବରିଷ୍ଠ ବିଜେଡ଼ି ନେତ୍ରୀ ସୁଜାତା ପାଲ ବୁଧବାର ବିଜେଡି ଛାଡିଛନ୍ତି। ବିଜୁ ମହିଳା ଜନତା ଦଳ ରାଜ୍ୟ ଉପସଭାନେତ୍ରୀ ପଦବୀ ସମେତ ଦଳର ପ୍ରାଥମିକ ସଦସ୍ୟ ପଦରୁ ସୁଜାତା ଇସ୍ତଫା ଦେଇଛନ୍ତି। ସେ ନିଜର ଇସ୍ତଫାପତ୍ର ଦଳର ରାଜ୍ୟ ସଭାପତିଙ୍କ ନିକଟକୁ ପଠାଇଛନ୍ତି। ଏଥିସହ ଏହାର ନକଲ ଦଳର ରାଜ୍ୟ ଉପସଭାପତି ଏନ୍. ଭାସ୍କର ରାଓ ଏବଂ ଜିଲା ସଭାପତି ସୁଧୀର ଦାସଙ୍କ ପାଖକୁ ପଠାଇଥିବା ସୂଚନା ଦେଇଛନ୍ତି। ତେବେ ବ୍ୟକ୍ତିଗତ କାରଣରୁ ସେ ଇସ୍ତଫା ଦେଇଥିବା ସୂଚନା ମିଳିଛି। କିନ୍ତୁ ପ୍ରକୃତରେ କେଉଁ କାରଣରୁ ସେ ଦଳ ଛାଡିଲେ ତାହାର ସ୍ପଷ୍ଟ ସୂଚନା ମିଳିନାହିଁ। ପ୍ରକାଶଥାଉକି, ସୁଜାତା ଦଳର ଜଣେ ଟାଣୁଆ ଓ ଆଗ ଧାଡିର ନେତ୍ରୀ ଥିଲେ। ସେ ୩ଥର ବିଜେଡ଼ିର କାଉନସିଲର ଭାବେ ନିର୍ବାଚିତ ହୋଇଥିଲେ। ଆଉ ହଠାତ ନିର୍ବାଚନ ପୂର୍ବରୁ ତାଙ୍କର ଦଳ ଛାଡିବା ଏକ ବଡ ଧକ୍କା ବୋଲି କର୍ମୀ ମହଲରେ ଚର୍ଚ୍ଚା ହେଉଛି।

## କାଳୀରାମଙ୍କୁ ଭାଜପା ଏମ୍‌ପି ପ୍ରାର୍ଥୀ ଘୋଷଣା ପରେ ସମ୍ବର୍ଦ୍ଧନା


ଭାଜପା କର୍ମୀ କାଳୀରାମ ମାଝିଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

**ରାୟଗଡ଼ା,୨୭।୩(ଆଶିଷ ରଞ୍ଜନ ପଣ୍ଡା)**

କୋରାପୁଟ ଲୋକ ସଭା ଆସନ ପାଇଁ ଭାଜପା ପକ୍ଷରୁ କାଳୀରାମ ମାଝିଙ୍କ ନାମ ଘୋଷଣା ପରେ ନେତା ଓ କର୍ମୀ ମହଲରେ ଉତ୍ସାହ ଦେଖାଦେଇଛି । ଏଥିସହ କାଳୀରାମ ମାଝିଙ୍କୁ କୋରାପୁଟ ଜିଲା ଓ ରାୟଗଡ଼ା ଜିଲାର ଭାଜପା ନେତା ଓ କର୍ମୀ ମହଲରେ ଶୁଭେଚ୍ଛାର ସୁଅ ଛୁଟିଛି । ଏ ନେଇ ଭାଜପା ଜିଲା କାର୍ଯ୍ୟାଳୟଠାରେ ସୋମବାର ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା । ଏହି ସଭାରେ ଜିଲା ସଭାପତି ଶିବ ପଟ୍ଟନାୟକ, ଜିଲା ପ୍ରଭାରୀ ଗୋବିନ୍ଦ ଜୈନ, ଗୁଣପୁର ପୂର୍ବତନ ବିଧାୟକ ତ୍ରିନାଥ ଗମାଙ୍ଗ, ରାଜ୍ୟ ସ୍ଥାୟୀ ନିମନ୍ତ୍ରିତ ସଦସ୍ୟ ବସନ୍ତ ଉଲାକା, ଜିଲା ମହିଳା ସଭାନେତ୍ରୀ ଲକ୍ଷ୍ମୀ ବୁରୁଡ଼ି, କାଉନସିଲର ମଞ୍ଜୁଳା ମିଣିଆକା, ଝରଣା ମହାନ୍ତି, ଭାଜପାର ଜିଲା ଯୁବ ମୋର୍ଚ୍ଚା ଜିଲା ସଭାପତି ଉମେଶ ଖୋସଲା ଓ ଶତାଧିକ କର୍ମୀ ଉପସ୍ଥିତ ରହି କାଳୀରାମଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଏଥିସହ ଆଗାମୀ ନିର୍ବାଚନରେ ଭାଜପା କିଭଳି କୋରାପୁଟ ଲୋକ ସଭା ଆସନ ଓ ଜିଲାର ୩ଟି ବିଧାନସଭା ଆସନ ଦଖଲ କରିବ ସେ ନେଇ ଆଲୋଚନା କରିଥିଲେ।

## ସଂକ୍ଷେପରେ

### ଟିକିରିରେ ସରିଲା ଅଷ୍ଟ ପ୍ରହର ନାମଯଜ୍ଞ

ଟିକିରି,୨୭।୩ (ପ୍ରଫୁଲ୍ଲ କୁମାର ବେହେରା )- ରାୟଗଡା ଜିଲା କାଶୀପୁର ବ୍ଲକ ଅନ୍ତର୍ଗତ ଟିକିରିରେ ମଙ୍ଗଳବାର ପୂର୍ବାହ୍ନରେ ଅଷ୍ଟପ୍ରହରୀ ନାମ ଯଜ୍ଞ ଉଦ୍‌ଯାପିତ ହୋଇଯାଇଛି। ସ୍ଥାନୀୟ ଜଗନ୍ନାଥ ମନ୍ଦିର ପରିସରରୁ ଭକ୍ତ ଓ ଶ୍ରଦ୍ଧାଳୁମାନେ ରାଧା କୃଷ୍ଣ ବେଶ ଧାରଣ କରି ନୃତ୍ୟ କରବା ସହି ନାମ ସଂକୀର୍ତ୍ତନ କରି ନଗର ପରିକ୍ରମା କରିଥିଲେ। ଏହି ନଗର ସଙ୍କୀର୍ତ୍ତନରେ ଟିକିରି ସହରର ବହୁମାତ୍ରାରେ ସାଧାରଣ ଜନତା ସାମିଲ ହୋଇଥିଲେ। ନଗର ପରିକ୍ରମା ପରେ ସ୍ଥାନୀୟ ପୋଖରୀରେ ଘଟ ବିସର୍ଜନ କରାଯାଇଥିଲା।

### ଚୋରି ଘଟଣାରେ ୭ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ

ସୁନାବେଡା/ପଟ୍ଟାଙ୍ଗି,୨୭।୩ (କୃତ୍ତିବାସ ପ୍ରଧାନ/ଶରତ ଧଳ) ଓଡିଶା-ଆନ୍ଧ୍ର ସୀମାନ୍ତ ସୁଙ୍କି ଥାନା ଅଧୀନରେ ଥିବା ଏକ ଠିକା ସଂସ୍ଥା କ୍ୟାମ୍ପରୁ ମଙ୍ଗଳବାର ହୋଇଥିବା ଚୋରି ଘଟଣାରେ ପୋଲିସ ୭ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନଙ୍କ ମଧ୍ୟରେ ୪ ଜଣ ଅଟୋ ଚାଳକ ଅଛନ୍ତି। ଗିରଫ ଅଭିଯୁକ୍ତମାନେ ହେଲେ ବିଜୟନଗରମ ଜିଲା ରିଗିଡି ଅମାତା ବାଲସା ଥାନା ଅଧିନ ମେନବିଧି ଅମ୍ବାଡ଼ା ଗାଁର ଆବୁ ପେଣ୍ଟମ ନାଇଡୁ, ଗିନି ପବନ କୁମାର, ମହେଶ ବେଜିପରାପୁ, ପଇଲା ସୁରିନାରାୟଣ। ଅନ୍ୟମାନେ ହେଲେ ରାଜମ ଥାନା ଅଧୀନ ଦଲାପେଟା ଗାଁର ପିଲାଲା ଆପାରାଓ, ସୁଙ୍କି ଥାନା ଅଧିନ କତାତେଡା ଗାଁର କିରଣ ପଟେଲ ଏବଂ ପଟାଙ୍ଗି ଥାନା ଅଧିନ କୁରି ଆଲପାଡୁ ଗାଁର ମୁରଲୀ ଚୋପାଡ଼ି । ଏ ନେଇ ବୁଧବାର ଏକ ଖବରଦାତା ସମ୍ମିଳନୀରେ ସୁନାବେଡା ଏସ୍‌ଡିପିଓ ମନୋବ୍ରତା ଶତପଥୀ ସୂଚନା ଦେଇଛନ୍ତି। ପୋଲିସ ଏ ନେଇ କେସ ନଂ ୨୨/୨୪ରେ ଏକ ମାମଲା ରୁଜୁ କରିଥିଲା। ଚଢାଉ ସମୟରେ ପୋଲିସ ସେମାନଙ୍କଠାରୁ ପ୍ରାୟ ୨ ଲକ୍ଷ ଟଙ୍କାର ବିଭିନ୍ନ ଚୋରି ଲୁହା ସାମଗ୍ରୀ ଭର୍ତ୍ତି ହୋଇଥିବା ୪ଟି ଅଟୋକୁ ଜବତ କରିବା ସହ ୫ଟି ମୋବାଇଲ ଓ ନଗଦ ୪୫୦୦ ଟଙ୍କା ଜବତ କରିଛି।


କାଶୀପୁର ବ୍ଲକ ଟିକିରିରେ ଭକ୍ତମାନେ ସଙ୍କୀର୍ତ୍ତନ କରି ନଗର ପରିକ୍ରମା କରୁଛନ୍ତି।

## ପୃଥକ୍ ଦୁର୍ଘଟଣାରେ ୩ ମୃତ, ୩୯ ଗୁରୁତର

ଦଶମନ୍ତପୁର, ୨୭।୩(ଅରବିନ୍ଦ ନାୟକ)- କୋରାପୁଟ ଜିଲା ଦଶମନ୍ତପୁର ବ୍ଲକର ୩ ପଞ୍ଚାୟତରେ ମଦ୍ୟପାନ ଯୋଗୁ ପୃଥକ୍ ସ୍ଥାନରେ ଦୁର୍ଘଟଣାରେ ୩ ଜଣଙ୍କ ମୃତ୍ୟୁ ଘଟିଥିବା ମୋଟ ୩୯ ଗୁରୁତର ହୋଇଛନ୍ତି। ପ୍ରକାଶ ଯେ, ଏହି ବ୍ଲକ ଟିକ୍ରାମ୍ଭ ପଞ୍ଚାୟତ ମାଙ୍କଡ଼ମୁଣ୍ଡି ଗାଁ ନିକଟସ୍ଥ ମାନିଙ୍ଗଠୁଟି ସ୍ଥାନରେ ଦୁଇ ବାଇକ୍ ଧକ୍କା ହୋଇଥିବା ବେଳେ ଗୋଦଲା ଗ୍ରାମର ଶରତ କୁଳଦୀପଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଛି। ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ ମଞ୍ଜାଗାଁ ପଞ୍ଚାୟତରେ ବଙ୍ଗଳାଗୁଡ଼ା ଗ୍ରାମର ୩ ଜଣ ଗୁରୁତରଙ୍କୁ ସ୍ଥାନୀୟ ଦଶମନ୍ତପୁର ଅଗ୍ନିଶମ ବିଭାଗ ପକ୍ଷରୁ ଉଧାର କରାଯାଇ ପ୍ରାଥମିକ ଚିକିତ୍ସା ପରେ ଜିଲା ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଛି। କ୍ଷତିପୂରଣ ଦାବିନେଇ ମୃତକଙ୍କ ପରିବାର ପକ୍ଷରୁ ଘଟଣାସ୍ଥଳରେ ମୃତଦେହ ରଖି ରାସ୍ତାରୋକୋ କରିଥିଲେ। ଥାନା ଅଧିକାରୀ ସୁକୁମା ହାସଦା, ବିଜେଡି ଜିଲା ସଭାପତି ଝିନ୍ନ ହିକ୍କା ଏବଂ ଏମ୍‌ପି ପ୍ରାର୍ଥୀନୀ କୌଶଲ୍ୟା ହିକ୍କାଙ୍କ ହସ୍ତକ୍ଷେପ ପରେ ଉତ୍ତେଜନା ନିୟନ୍ତ୍ରଣ ହୋଇଛି। ସେହିଭଳି ପିଣ୍ଡାପଦର ପଞ୍ଚାୟତରେ ଏକ ଅଟୋ ଦୁର୍ଘଟଣାରେ ୧୬ ଛାତ୍ରୀ ଗୁରୁତର ହୋଇଥିବା ବେଳେ ବରଗଛ ଗ୍ରାମର ଦାଶୀ ଦିଶାରୀଙ୍କ ମୃତ୍ୟୁ ଘଟିଛି। ସେହିପରି ପଡାଗଡ଼ ପଞ୍ଚାୟତରେ ବିଳମ୍ବିତ ରାରେ ଖମ୍ବେଶ୍ୱରୀ ବସ୍ ଦୁର୍ଘଟଣାଗ୍ରସ୍ତ ହୋଇ ଜଣଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିଛି।

## ନିରପେକ୍ଷ ତଦନ୍ତ ପାଇଁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

**ଟଲଣା ସ୍କୁଲରେ ଛାତ୍ରଙ୍କ ଆତ୍ମହତ୍ୟା ପ୍ରସଙ୍ଗ**

**ଗୁଣପୁର,୨୭।୩(ପ୍ରଦୀପ କୁମାର ପାଢ଼ୀ)**

ରାୟଗଡ଼ା ଜିଲା ଗୁଣପୁର ବ୍ଲକ ଟଲଣା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ଜଣେ ଛାତ୍ରଙ୍କ ମୃତ୍ୟୁ ଘଟଣାକୁ ସପ୍ତାହେ ବିତି ଯାଇଥିଲେ ମଧ୍ୟ ଘଟଣାର ପର୍ଦ୍ଦାଫାଶ ହୋଇପାରି ନାହିଁ। ଏହାକୁ ନେଇ ଅଞ୍ଚଳରେ ଚାପା ଅସନ୍ତୋଷ ଲାଗି ରହିଛି। ଏହି ଘଟଣାର ନିରପେକ୍ଷ ତଦନ୍ତ ଦାବିରେ ବୁଧବାର ପୁଟାସିଂ ଅଞ୍ଚଳ ଉନ୍ନୟନ ପରିଷଦ କମିଟି ପକ୍ଷରୁ ଏକ ସ୍ମାରକପତ୍ର ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। କମିଟି ପକ୍ଷରୁ ସହକାରୀ ଜିଲାପାଳ ସତ୍ୟଜିତ ନାୟକଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି।

ଦାବିପତ୍ରରେ ଛାତ୍ରଙ୍କ ଆତ୍ମହତ୍ୟା ନେଇ ପ୍ରଶ୍ନ ଉଠାଯାଇଛି। ପାରିପାର୍ଶ୍ୱିକ ସ୍ଥିତିକୁ ଦେଖିଲେ ତାହା ଆତ୍ମହତ୍ୟା ନୁହେଁ, ବରଂ ନିର୍ଯାତନା ଦିଆଯାଇ ଆତ୍ମହତ୍ୟାର ରୂପ ଦିଆଯାଇଥିବା ଅଭିଯୋଗ ହୋଇଛି। ପଙ୍ଖାଟି ଉଚ୍ଚାରେ ଥିବାବେଳେ ବାଳକ ଜଣକ କିପରି ଏତେ ଉଚ୍ଚରେ ଚଢ଼ି ରଶି ଲଗାଇଲେ ସେ ନେଇ ସନ୍ଦେହଜାତ ହୋଇଛି। ତେଣୁ ସମଗ୍ର ଘଟଣାର ପର୍ଦ୍ଦାଫାଶ ପାଇଁ ନିରପେକ୍ଷ ତଦନ୍ତ କରାଯାଉ ବୋଲି ପୁଟାସିଂ ଉନ୍ନୟନ କମିଟି ଦାବି କରିଛି। ଦାବିପତ୍ର ପ୍ରଦାନ ସମୟରେ ପୂର୍ବତନ ଜିଲା ପରିଷଦ ସଭ୍ୟ ମାଥ୍ୟୁ ଦଳବେହେରା, ଲକ୍ଷ୍ମୀ ଶବର, ଦାମୋଦର ଶବରଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ଟଲଣା ପଞ୍ଚାୟତର ସର୍ଗିଆସିଂ ଗ୍ରାମର ପ୍ରଦୀପ ଶବରଙ୍କ ପୁଅ ଜୁଦାସ ଶବର(୧୧) ସ୍କୁଲର ୪୦ ଶଯ୍ୟା ବିଶିଷ୍ଟ ହଷ୍ଟେଲରେ ରହି ପାଠ ପଢୁଥିଲେ। ଜୁଦାସ ସବୁଦିନ ପରି ସାଙ୍ଗମାନଙ୍କ ସହ ମିଶି ଖେଳକୁଦ କରିଥିଲେ। ରାତିରେ ସାଙ୍ଗମାନଙ୍କ ସହ ମିଶି ଖାଇବା ପରେ ଶୋଇବାକୁ ଯାଇଥିଲେ। ଗତ ଶୁକ୍ରବାର ସକାଳେ ଚପରାସୀ ଝାଡୁ ମାରିବାକୁ ଯାଇଥିବାବେଳେ ଜୁଦାସଙ୍କ ମୃତଦେହ ପଙ୍ଖାରେ ଝୁଲୁଥିବା ଦେଖି ସମସ୍ତଙ୍କୁ ଖବର ଦେଇଥିଲେ। ଏହି ଘଟଣା ପରେ ଉତ୍ତେଜନା ପ୍ରକାଶ ପାଇଥିଲା। ସ୍କୁଲରେ ଛାତ୍ରଙ୍କ ଏପରି ପଦକ୍ଷେପ ପରେ ଭୟରେ ୪୦ ପିଲା ହଷ୍ଟେଲ ଛାଡ଼ି ଚାଲିଯାଇଥିଲେ। ଛୁଟି ପରେ ବୁଧବାର ସ୍କୁଲ ଖୋଲିଥିବା ବେଳେ କେତେଜଣ ପିଲା ସ୍କୁଲ ଏବଂ ହଷ୍ଟେଲକୁ ଆସିଥିବା ଜଣାପଡ଼ିଛି। ସ୍କୁଲରେ ଶିକ୍ଷାଦାନ କିପରି ସ୍ୱାଭାବିକ ହେବ ସେ ନେଇ ଏକ ବୈଠକ ହୋଇଥିବା ସିଆର୍‌ସିସି ସଞ୍ଜୀବ ପଟ୍ଟନାୟକ ସୂଚନା ଦେଇଛନ୍ତି।


ପୁଟାସିଂ ଉନ୍ନୟନ କମିଟି କର୍ମକର୍ତ୍ତା ସହକାରୀ ଜିଲାପାଳଙ୍କୁ ଦାବିପତ୍ର ଦେଉଛନ୍ତି।

## ବିପୁଳ ପରିମାଣର ମାଓବାଦୀ ସାମଗ୍ରୀ, ଦେଶୀ ବନ୍ଧୁକ ଜବତ

**ପଟ୍ଟାଙ୍ଗି,୨୭।୩ (ଶରତ ଧଳ)**

ସାଧାରଣ ନିର୍ବାଚନ ଯେତିକି ପାଖେଇ ଆସୁଛି ପୋଲିସ ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ବିଶେଷକରି କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ ଅନ୍ତର୍ଗତ ଆନ୍ଧ୍ର ଓଡ଼ିଶା ସୀମାନ୍ତ ଅଞ୍ଚଳରେ କୋମ୍ବିଂ ଅପରେଶନକୁ ଜୋରଦାର କରାଯାଇଛି ।ସୁଙ୍କି ପଞ୍ଚାୟତ ଅଲସୀ ଗାଁ ନିକଟରେ ବିଏସ୍ଏଫ ପକ୍ଷରୁ ପାଟ୍ରୋଲିଂ କରାଯାଉଥିବାବେଳେ ଜଙ୍ଗଲ ନିକଟରୁ ବହୁ ପରିମାଣର ମାଓବାଦୀ ସାମଗ୍ରୀ, ଦେଶୀ ବନ୍ଧୁକ ସହ ଅସ୍ତ୍ରଶସ୍ତ୍ର ଜବତ କରିଛନ୍ତି।

ସୁଙ୍କି ପଞ୍ଚାୟତର ଅଲସୀ ଗାଁ ନିକଟରେ ପାଟ୍ରୋଲିଂ ବେଳେ ଜଙ୍ଗଲରେ ବିଏସ୍ଏଫ୍ ଯବାନ ୨ଜଣ ସନ୍ଦିଗ୍ଧ ବ୍ୟକ୍ତିଙ୍କ ସହ ମୁହାଁମୁହିଁ ହୋଇଥିଲେ। ଏହି ସମୟରେ ବିଏସଏଫ ଏଡିପି ପାର୍ଟିର ଉପସ୍ଥିତିଦେଖି ୨ ବ୍ୟକ୍ତି ଆନ୍ଧ୍ରସୀମା ଆଡକୁ ପଳାଇଥିଲେ। ପରେ ସୁରକ୍ଷା ବାହିନୀ ଏହି ଅଞ୍ଚଳରେ ଯାଞ୍ଚ କରିବା ସମୟରେ ଉକ୍ତ ଜଙ୍ଗଲ ନିକଟରୁ ବହୁ ପରିମାଣର ମାଓବାଦୀ ସାମଗ୍ରୀ ଜବତ କରିଥିଲେ । ଜବତ ସାମଗ୍ରୀ ମଧ୍ୟରେ ବିଏମ୍ଏଲ ବନ୍ଧୁକ,ଏକ ମୋବାଇଲ ଫୋନ ସହିତ ଜିଓ ସିମ, ନଗଦ ୧୧୦ ଟଙ୍କା, ଟ୍ରିଗର ମେଶିନ, ହାମର ଦୁଇଟି, ହେକ୍ସା ବ୍ଲେଡ଼ , ଚପଲ ଦୁଇ ହଳ , ୫ଟି ଫାଇଲ, ୨ଟି ଛୁରୀ, ସୋଡିୟମ ବାରସାଇଟ ୩୦ ଗ୍ରାମ, ବ୍ରୋଞ୍ଜ ପ୍ଲେଟ ଗୋଟିଏ ଇତ୍ୟାଦି ୨୧ ଗୋଟି ସାମଗ୍ରୀ ଜବତ କରିଥିବା ସୂଚନା ଦେଇଛନ୍ତି । ଜବତ ସମସ୍ତ ସାମଗ୍ରୀ ସୁଙ୍କି ପୋଲିସ ଥାନାରେ ହସ୍ତାନ୍ତର କରିଥିବା ଇନ୍ସପେକ୍ଟର ସନ୍ଦୀପ କର୍କେଟ୍ଟା ସୂଚନା ଦେଇଛନ୍ତି ।

## ବିଭିନ୍ନ ପୋଲିଂ ବୁଥ୍‌ର ସ୍ଥିତି ସମୀକ୍ଷା କଲେ ଜିଲାପାଳ

**ଗୁଡାରି/ଚନ୍ଦ୍ରପୁର,୨୭।୩ (ପ୍ରମୋଦ କୁମାର ପତି/ ବିଜୟ ପ୍ରସାଦ ଉଲ୍ଲାକା)**

ରାୟଗଡ଼ା ଜିଲାପାଳ ମନୋଜ ସତ୍ୟବାନ ମହାଜନ ବୁଧବାର ଗୁଡାରି ଓ ଚନ୍ଦ୍ରପୁର ବ୍ଲକର ବିଭିନ୍ନ ନିର୍ବାଚନ ବୁଥ୍ ବୁଲି ସ୍ଥିତି ସମୀକ୍ଷା କରିଛନ୍ତି। ଜିଲାପାଳଙ୍କ ସହ ଗୁଣୁପୁର ଉପଜିଲାପାଳ କୀରଣଦୀପ କୌର ସାହୋଟା ମଧ୍ୟ ଉପସ୍ଥିତ ଥିଲେ। ଜିଲାପାଳ ପ୍ରଥମେ ବ୍ଲକର ପେଣ୍ଡିଲି ଏବଂ ଏମ୍‌କେରାଇ ଗ୍ରାମ ପଞ୍ଚାୟତର ବିଭିନ୍ନ ବୁଥ ବୁଲି ସମସ୍ତ ପ୍ରକାର ଆନୁସାଙ୍ଗିକ ବ୍ୟବସ୍ଥା ସମ୍ପର୍କରେ ପଚାରି ବୁଝିଥିଲେ। ବିଶେଷକରି ବୁଥ୍‌ରେ ପାନୀୟ ଜଳ, ବିଦ୍ୟୁତ, ଗମନାଗମନ, ଦିବ୍ୟାଙ୍ଗ ଓ ବୟସ୍କ ମତଦାତାଙ୍କ ବୁଥରେ ପ୍ରବେଶ ନିମନ୍ତେ ର୍‍ୟାମ୍ପର ବ୍ୟବସ୍ଥା ଓ ନିରାପତ୍ତା ବ୍ୟବସ୍ଥା ସମ୍ପର୍କରେ ସମୀକ୍ଷା କରିଥିଲେ। ବିଦ୍ୟାଳୟର ଶ୍ରେଣୀ ଗୃହକୁ ଯାଇ ଜିଲାପାଳ ଛାତ୍ରୀଛାତ୍ରଙ୍କୁ ପାଠ ବିଷୟରେ ମଧ୍ୟ ପଚାରିଥିଲେ। ଏହି କାର୍ଯ୍ୟକ୍ରମରେ ବିଡ଼ିଓ ଅନିଶା ଦାସ ଏବଂ ଅନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

ସେହିପରି ଜିଲାପାଳ ଚନ୍ଦ୍ରପୁର ବ୍ଲକକୁ ଯାଇ ଡାଙ୍ଗସୋରଡ଼ା, ଯୁଗାପଦର, ପାଣ୍ଡରାଖାଲ, ହନୁମନ୍ତପୁର, ମାଝୀଗୁଡା, ହକୁଶପାଙ୍ଗା, ଗୁନାଖାଲ, ବେଲମ ଗୁଡା, ବୁଥ କେନ୍ଦ୍ର ପରିଦର୍ଶନ କରିବା ସହ ସମସ୍ତ ପ୍ରକାର ଆନୁସାଙ୍ଗିକ ବ୍ୟବସ୍ଥା ସମ୍ପର୍କରେ ପଚାରି ବୁଝିଥିଲେ। ପରେ ହନୁମନ୍ତପୁର ପଞ୍ଚାୟତ ଅଧୀନ ହାକୁଶପଙ୍ଗା, ଏସ୍ଏସ୍‌ଡି ବିଭାଗର ଆଶ୍ରମ ବିଦ୍ୟାଳୟକୁ ଯାଇ ଦ୍ୱିତୀୟ ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ ନିଜ ନାମ, ଜିଲା ନାମ ଇତ୍ୟାଦି କଳାପଟାରେ ଲେଖିବା ପାଇଁ କହିଥିଲେ। ପରେ ହଷ୍ଟେଲକୁ ଯାଇ ଛାତ୍ରମାନଙ୍କ ପାଠପଢା,ରହିବା, ଖାଇବା ପିଇବା ସମ୍ପର୍କରେ ପଚାରି ବୁଝିଥିଲେ। ସେହିପରି ଗୁନାଖାଲ ପ୍ରାଥମିକ ବିଦ୍ୟାଳୟରେ ମଧ୍ୟ ଛାତ୍ରମାନଙ୍କୁ ବିଭିନ୍ନ ସାଧାରଣ ଜ୍ଞାନ ସମ୍ପର୍କରେ ପଚାରିଥିଲେ। ତାଙ୍କ ଗସ୍ତ ସମୟରେ ଗୁଣପୁର ଉପ ଜିଲାପାଳ କୀରନ ଦୀପ କୌର, ଚନ୍ଦ୍ରପୁର ବିଡ଼ିଓ ଅକ୍ଷୟ କୁମାର ମଲିକ, ତହସିଲଦାର ବିଚିତ୍ରା ନନ୍ଦ ନାୟକ, ବ୍ଲକ ସହକାରୀ ଯନ୍ତ୍ରୀ ବିଶ୍ୱଜିତ ମିଶ୍ର, କନିଷ୍ଠ ଯନ୍ତ୍ରୀ ବିକାଶ ମହାପାତ୍ର, ବ୍ଲକ ଶିକ୍ଷାଧିକାରୀ ଗଣେଶ ଶବର, ଏବିଇଓ ଉମାକାନ୍ତ ମିଶାଲ ପ୍ରମୁଖ ଉପସ୍ଥିତ ଥିଲେ।


ରାୟଗଡ଼ା ଜିଲାପାଳ ଗୁଡାରିର ଏକ ବୁଥ୍ ବୁଲି ସ୍ଥିତି ସମୀକ୍ଷା କରୁଛନ୍ତି।

## ସଂକ୍ଷେପରେ

### କଂଗ୍ରେସର ଗ୍ୟାରେଣ୍ଟି କାର୍ଡ ନେଇ ଆଶାୟୀଙ୍କ ଖବରଦାତା ସମ୍ମିଳନୀ

କୋରାପୁଟ,୨୭।୩(ଅମିତାଭ ବେହେରା)-କଂଗ୍ରେସ ପକ୍ଷରୁ ଗ୍ୟାରେଣ୍ଟି କାର୍ଡ ନେଇ ଆଶାୟୀ ପାର୍ଥୀଙ୍କ ପକ୍ଷରୁ ପୃଥକ ପୃଥକ ଭାବେ ଖବରଦାତା ସମ୍ମିଳନୀ କରାଯାଇଛି। ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଗ୍ୟାରେଣ୍ଟି କାର୍ଡ ଘୋଷଣା ସଂକଳ୍ପକୁ ନେଇ କୋରାପୁଟ ବିଧାନସଭା ନିର୍ବାଚନମଣ୍ଡଳୀ ଆଶାୟୀ ପ୍ରାର୍ଥୀ କୃଷ୍ଣ କୁଲଦୀପ ସ୍ଥାନୀୟ ପ୍ରେସ୍ କ୍ଲବରେ ବୁଧବାର ଏକ ଖବରଦାତା ସମ୍ମିଳନୀ କରିଥିଲେ। ଉପଭୋକ୍ତାଙ୍କ ପାଇଁ ୨୦୦ ୟୁନିଟ ବିଦ୍ୟୁତ୍ ଦେୟ ଛାଡ, ୫ଲକ୍ଷ ଯୁବତୀ ଯୁବକଙ୍କ ନିଯୁକ୍ତି, ମାସକୁ ବେକାରି ଭତ୍ତା ୩ ହଜାର ଟଙ୍କା, କୃଷି ଋଣ ଛାଡ, ଚାଷୀଙ୍କୁ ବୋନସ୍ ସହ ଧାନର ସହାୟକ ମୂଲ୍ୟ କୁଇଣ୍ଟାଲ ପ୍ରତି ୩ ହଜାର ଟଙ୍କା,୨୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ବୀମା ମାଧ୍ୟମରେ ଚିକିତ୍ସା,ଗୃହଲକ୍ଷ୍ମୀ ଯୋଜନାରେ ପ୍ରତ୍ୟେକ ଘରର ମୁଖ୍ୟ ମହିଳାଙ୍କୁ ମାସିକ ଭତ୍ତା ୨୦୦୦ ଟଙ୍କା। ପ୍ରତି ପରିବାରକୁ ମାସକୁ ୫୦୦ ଟଙ୍କାରେ ଗୋଟିଏ ସିଲିଣ୍ଡର। ବାର୍ଦ୍ଧକ୍ୟ,ବିଧବା ଓ ଭିନ୍ନକ୍ଷମ ଭତ୍ତା ମାସକୁ ୨୦୦୦ ଟଙ୍କା। ରାଜ୍ୟରେ ଜାତି ଭିତ୍ତିକ- ସାମାଜିକ ଓ ଆର୍ଥିକ ସର୍ଭେ ପୂର୍ବରୁ ତୁରନ୍ତ ଶିକ୍ଷାନୁଷ୍ଠାନ ଓ ଚାକିରି କ୍ଷେତ୍ରରେ ପଛୁଆ ବର୍ଗ ପାଇଁ ୨୭% ସଂରକ୍ଷଣ ବ୍ୟବସ୍ଥା ଆଦି ଘୋଷଣା କରାଯାଇଛି। ରାଜ୍ୟରେ କଂଗ୍ରେସ ସରକାର ଆସିଲେ ୯ ଟି ଘୋଷଣା ସଂକଳ୍ପକୁ ୫ ବର୍ଷ ମଧ୍ୟରେ କାର୍ଯ୍ୟକାରୀ କରିବାକୁ ଚେଷ୍ଟା କରିବ ବୋଲି ଆଶାୟୀ ବିଧାୟକ ପ୍ରାର୍ଥୀ କୃଷ୍ଣ କୁଲଦୀପ ପ୍ରକାଶ କରିଛନ୍ତି। ସେହିପରି କୋରାପୁଟ ବିଧାନସଭା ମଣ୍ଡଳୀ ନିମନ୍ତେ ଆଶାୟୀ ପାର୍ଥୀ ତଥା ପୂର୍ବତନ ବିଧାୟକ କୃଷ୍ଣଚନ୍ଦ୍ର ସଗରିଆଙ୍କ ପକ୍ଷରୁ ସ୍ଥାନୀୟ ଏକ ହୋଟେଲରେ ଖବରଦାତା ସମ୍ମିଳନୀ କରି କଂଗ୍ରେସ ପକ୍ଷରୁ ଘୋଷଣା କରାଯାଇଥିବା ଗ୍ୟାରେଣ୍ଟି କାର୍ଡ ଉପରେ ଗଣମାଧ୍ୟମକୁ ସଚେତନ କରିଥିଲେ ।

### ୩୧ରୁ ରାଜ୍ୟସ୍ତରୀୟ ଓପନ ଚେସ୍ ଟୁର୍ନାମେଣ୍ଟ

ଜୟପୁର, ୨୭।୩(ପବନ ପାଣିଗ୍ରାହୀ) ଆସନ୍ତା ମାର୍ଚ୍ଚ ୩୧ରୁ କୋରାପୁଟ ଜିଲା ଜୟପୁରରେ ରାଜ୍ୟସ୍ତରୀୟ ଓପନ ଚେସ୍ ଟୁର୍ନାମେଣ୍ଟ ଆରମ୍ଭ ହେବ। ଜୟପୁର ଏମ୍‌ଜି ରୋଡ୍‌ରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ କୋରାପୁଟ ଜିଲା ଚେସ୍ ସମ୍ପାଦକ ଆସୋସିଏସନର ପ୍ରଦୀପ କୁମାର ମହାନ୍ତି ଏ ନେଇ ସୂଚନା ଦେଇଛନ୍ତି। ଏହାକୁ ଜୟପୁର ଚେସ୍ ଆସୋସିଏସନ ଆୟୋଜନ କରିଥିବା ବେଳେ କୋରାପୁଟ ଜିଲା ଚେସ୍ ଆସୋସିଏସନ ସହଯୋଗ କରିଛି। ଏହି ଟୁର୍ନାମେଣ୍ଟ ୧ ଏପ୍ରିଲରେ ଶେଷ ହେବ। ଟୁର୍ନାମେଣ୍ଟରେ ରାଜ୍ୟର ବିଭିନ୍ନ ଜିଲାରୁ ୧୫୦ ପ୍ରତିଯୋଗୀ ଭାଗନେବେ। ୭ଟି ରାଉଣ୍ଡରେ ଖେଳ ହେବ। ୩୧ ତାରିଖ ସକାଳ ୯ଟାରେ ଟୁର୍ନାମେଣ୍ଟ ଆରମ୍ଭ ହେବ। ଚେସ୍ ଖେଳକୁ ଅଧିକ ପ୍ରଚାରପ୍ରସାର କରିବା ଏହାର ଲକ୍ଷ୍ୟ ବୋଲି ଆୟୋଜକମାନେ କହିଛନ୍ତି। ବିଜୟୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ ବୋଲି ସୂଚନା ମିଳିଛି।

# ମୃତଦେହ ରଖି ରାସ୍ତା ଅବରୋଧ, ଥାନା ଘେରାଉ

ଜୟପୁର, ୨୭।୩(ପବନ ପାଣିଗ୍ରାହୀ)

ମାଲକାନଗିରିରୁ ବ୍ରହ୍ମପୁର ଯାଉଥିବା ବସ୍‌ଟି କୋରାପୁଟ ପୋଡ଼ାଗଡ଼ଠାରେ ଦୁର୍ଘଟଣାଗ୍ରସ୍ତ ହୋଇଥିବାବେଳେ ଏଥିରେ ଜୟପୁର ଅଟୋ ଚାଳକ ସଂଘ ସମ୍ପାଦକ ନାରାୟଣ ରଥ (୫୪)ଙ୍କ ମୃତ୍ୟୁ ହୋଇଛି। ଜୟପୁର ଅଟୋ ଚାଳକ ସଂଘ ସଦସ୍ୟମାନେ ବୁଧବାର ଜୟପୁର ଟାଉନ ଥାନା ଘେରାଉ କରିବା ସହ ମୃତଦେହ ରଖି ଜାତୀୟ ରାଜପଥ ୨୬କୁ ଅବରୋଧ କରିଥିଲେ। ମୃତକଙ୍କ ପରିବାରକୁ ୨୦ଲକ୍ଷ ଟଙ୍କା କ୍ଷତିପୂରଣ ସହ ସମ୍ପୃକ୍ତ ଘରୋଇ ବସ୍ ମାଲିକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଛି। ସଂଘ ପକ୍ଷରୁ ଜୟପୁର ଟାଉନ ଥାନାଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ବସ୍



ଜୟପୁର ଅଟୋଚାଳକ ସଂଘ ସଦସ୍ୟମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ଚାଳକମାନେ ମଦ୍ୟପାନକରି ମନମୁଖି ଗାଡ଼ି ଚଳାଉଥିବାରୁ ଯାତ୍ରୀଙ୍କ ମୃତ୍ୟୁ ହେଉଛି ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି। ଖମ୍ବେଶ୍ୱରୀ ବସ୍ ଦୁର୍ଘଟଣାର ତଦନ୍ତ କରିବାକୁ ଦାବି ହୋଇଛି। ଦୁର୍ଘଟଣା ଘଟାଉଥିବା ବସ୍ ଚାଳକ ଏବଂ ମାଲିକମାନଙ୍କୁ ଉପଯୁକ୍ତ ଦଣ୍ଡ ଓ ମୃତ ନାରାୟଣ ରଥଙ୍କୁ ନ୍ୟାୟ ଦେବାକୁ ଦାବି ହୋଇଛି।

# ପୋଲିସର ବିଭିନ୍ନ ସ୍ଥାନରେ ଫ୍ଲାଗମାର୍ଚ୍ଚ



କୋରାପୁଟ/ ଜୟପୁର/ ଦାମନଯୋଡି, ୨୭।୩(ଅମିତାଭ ବେହେରା/ ପବନ ପାଣିଗ୍ରାହୀ/ମାନସ ରଞ୍ଜନ କର)

ଆଗକୁ ସାଧାରଣ ନିର୍ବାଚନ । ଆଇନ ଶୃଙ୍ଖଳାକୁ ଦୃଷ୍ଟିରେ ରଖି କୋରାପୁଟ ଜିଲା ପୋଲିସ ପକ୍ଷରୁ ସଦର ମହକୁମା, ଜୟପୁର ଏବଂ ଦାମନଯୋଡି ଅଞ୍ଚଳରେ ବୁଧବାର ଫ୍ଲାଗମାର୍ଚ୍ଚ କରାଯାଇଛି। ଆଇନଶୃଙ୍ଖଳା ବଜାୟ ରଖିବା, କୌଣସି ଅସାମାଜିକ କାର୍ଯ୍ୟକଳାପରେ ଲିପ୍ତ ନ ହେବା ଏବଂ ନିର୍ବାଚନ ଆଚରଣବିଧି ନିୟମ ଉଲ୍ଲଂଘନ ନ କରିବାକୁ ଜନସାଧାରଣଙ୍କୁ ସଚେତନ କରାଯାଉଛି। କୋରାପୁଟ ଉପଖଣ୍ଡ ପୋଲିସ ଅଧିକାରୀ ଶ୍ରାବଣୀ ନାୟକଙ୍କ ନେତୃତ୍ୱରେ ଟାଉନ ଥାନା ଅଧିକାରୀ ପ୍ରମୋଦ ମହାନ୍ତିଙ୍କ ସମେତ ଉଭୟ ଟାଉନ ଓ ସଦର ଥାନା ପୋଲିସ, ବିଏସଏଫ ଓ ଏସଓଜି ପୋଲିସ ଏହି ଫ୍ଲାଗମାର୍ଚ୍ଚରେ ସାମିଲ ହୋଇ ସହରର ବସ୍‌ଷ୍ଟାଣ୍ଡ ଭାଣ୍ଡିସାହି, ପୂଜାରିପୁଟ, ହାଟ ପଦା, ଅମଳକୂଟିର ରୋଡ଼, ଗୁଣ୍ଡିଚା ମନ୍ଦିର ଛକ, କଳା ନିକେତନ ଛକ, ଜୟପୁର ରୋଡ଼ ଓ ପୋଷ୍ଟ ଅଫିସ ରୋଡ଼ ଆଦି ବିଭିନ୍ନ ଅଞ୍ଚଳରେ ଫ୍ଲାଗ ମାର୍ଚ୍ଚ କରିଥିଲେ।

ସେହିପରି ଜୟପୁର ପୋଲିସ ପକ୍ଷରୁ ଲକ୍ଷ୍ମୀ ପଣ୍ଡା ଛକରୁ ବାହାରି କୋର୍ଟ ରାସ୍ତା ଓ ପାରାବେଢ଼ା ଦେଇ ମୁଖ୍ୟ ରାସ୍ତାରେ ଫ୍ଲାଗ୍‌ମାର୍ଚ୍ଚ କରାଯାଇଛି। ଏହି ଫ୍ଲାଗ୍‌ମାର୍ଚ୍ଚ ଦ୍ୱାରା



ନାକ୍କା ପୋଷ୍ଟ ଫ୍ଲାଇଂ ସ୍କ୍ୱାଡ୍ ଗଠନ କରାଯାଇଛି। ଅସାମାଜିକଙ୍କ ଗତି ଉପରେ ନଜର ରଖିବା ସହ ମଦ ଧରପଗଡ କରାଯିବ ବୋଲି ସଦର ଥାନାଧିକାରୀ ଈଶ୍ୱର ତାଣ୍ଡି ସୂଚନା ଦେଇଛନ୍ତି। ଏହି ଫାଗ୍‌ମାର୍ଚ୍ଚରେ ଜୟପୁର ଉପଜିଲାପାଳ ପ୍ରଭାତ କୁମାର ପରିଡ଼ା, ଜୟପୁର ସଦର ଥାନାଧିକାରୀ ଈଶ୍ୱର ତାଣ୍ଡିଙ୍କ ନେତୃତ୍ୱରେ ଓଡ଼ିଶା ପୋଲିସ ଏବଂ ସିଆର୍‌ପିଏଫ୍‌ର ଯବାନମାନେ ଭାଗ ନେଇଥିଲେ।

ସେହିପରି ଦାମନଯୋଡି ପୋଲିସ ପକ୍ଷରୁ ଅଞ୍ଚଳରେ ଫ୍ଲାଗମାର୍ଚ୍ଚ ସହ ଫୁଟ ପାଟ୍ରୋଲିଂ କରାଯାଇଛି। କୌଣସି ଅସାମାଜିକ କାର୍ଯ୍ୟକଳାପରେ ଲିପ୍ତ ନ ହେବା ଏବଂ ନିର୍ବାଚନ ଆଚରଣବିଧି ନିୟମକୁ ଉଲ୍ଲଂଘନ ନ କରିବାକୁ ଜନସାଧାରଣଙ୍କୁ ସଚେତନ କରାଯାଉଥିବା ଥାନା ଅଧିକାରୀ ପ୍ରମିଳା ଡିକା କହିଛନ୍ତି। ସବ୍ ଇନ୍ସପେକ୍ଟର ସୁପ୍ରିୟା ପଟ୍ଟନାୟକଙ୍କ ନେତୃତ୍ୱରେ ସୋମବାର ସନ୍ଧ୍ୟାରେ ଦାମନଯୋଡି ଥାନା ଏଏସ୍‌ଆଇ ଦୟାନିଧି ମୌର୍ଯ୍ୟ,ଗୋଲାପ ସ୍ୱାଇଁ ଓ ଜି.ସାଇକିରନଙ୍କ ସହ ପୋଲିସ କର୍ମଚାରୀମାନେ ମାଥାଲପୁଟ ମାର୍କେଟ, ଅଁଳାବାଡି କଲୋନୀ ସମେତ ଅଞ୍ଚଳରେ ପାଟ୍ରୋଲିଂ କରିଥିବା ଦେଖିବାକୁ ମିଳିଥିଲା।

## ପୃଥକ୍ ଦୁର୍ଘଟଣାରେ ୩ ମୃତ, ୩୯ ଗୁରୁତର

ଦଶମନ୍ତପୁର, ୨୭।୩(ଅରବିନ୍ଦ ନାୟକ)-କୋରାପୁଟ ଜିଲା ଦଶମନ୍ତପୁର ବ୍ଲକର ୩ ପଞ୍ଚାୟତରେ ମଦ୍ୟପାନ ଯୋଗୁ ପୃଥକ୍ ସ୍ଥାନରେ ଦୁର୍ଘଟଣାରେ ୩ ଜଣଙ୍କ ମୃତ୍ୟୁ ଘଟିଥିବା ମୋଟ ୩୯ ଗୁରୁତର ହୋଇଛନ୍ତି। ପ୍ରକାଶ ଯେ, ଏହି ବ୍ଲକ ଚିକାମ୍ବ ପଞ୍ଚାୟତ ମାଙ୍କଡ଼ମୁଣ୍ଡି ଗାଁ ନିକଟସ୍ଥ ମାନିଙ୍ଗୁଠି ସ୍ଥାନରେ ଦୁଇ ବାଇକ୍ ଧକ୍କା ହୋଇଥିବା ବେଳେ ଗୋଦଲା ଗ୍ରାମର ଶରତ କୁଳଦୀପଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଛି। ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ ମଞ୍ଚାଗାଁ ପଞ୍ଚାୟତରେ ବଙ୍ଗଳାଗୁଡ଼ା ଗ୍ରାମର ୩ ଜଣ ଗୁରୁତରଙ୍କୁ ସ୍ଥାନୀୟ ଦଶମନ୍ତପୁର ଅଗ୍ନିଶମ ବିଭାଗ ପକ୍ଷରୁ ଉଦ୍ଧାର କରାଯାଇ ପ୍ରାଥମିକ ଚିକିତ୍ସା ପରେ ଜିଲା ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଛି। କ୍ଷତିପୂରଣ ଦାବିନେଇ ମୃତକଙ୍କ ପରିବାର ପକ୍ଷରୁ ଘଟଣାସ୍ଥଳରେ ମୃତଦେହ ରଖି ରାସ୍ତାରୋକୋ କରିଥିଲେ। ସ୍ଥାନୀୟ ଥାନା ଅଧିକାରୀ ସୁକୁମା ହାସଦା, ବିଜେଡି ଜିଲା ସଭାପତି ଝିନ୍ନ ହିକ୍କା ଏବଂ ଏମ୍‌ପି ପ୍ରାର୍ଥୀନୀ କୌଶଲ୍ୟା ହିକ୍‌କାଙ୍କ ହସ୍ତକ୍ଷେପ ପରେ ମଙ୍ଗଳବାର ସନ୍ଧ୍ୟାରୁ ବୁଧବାର ପୂର୍ବାହ୍ନ ୧୦ଟା ଯାଏ ହୋଇଥିବା ଉତ୍ତେଜନା ନିୟନ୍ତ୍ରଣ ହୋଇଛି। ସେହିଭଳି ପିଣ୍ଡାପଦର ପଞ୍ଚାୟତରେ ଏକ ଅଟୋ ଦୁର୍ଘଟଣାରେ ୧୬ ଛାତ୍ରୀ ଗୁରୁତର ହୋଇଥିବା ବେଳେ ବରଗଛ ଗ୍ରାମର ଦାଶୀ ଦିଶାରୀଙ୍କ ମୃତ୍ୟୁ ଘଟିଛି। ସେହିପରି ପଡାଗଡ଼ ପଞ୍ଚାୟତରେ ବିଳମ୍ବିତ ରାରେ ଖମ୍ବେଶ୍ୱରୀ ବସ୍ ଦୁର୍ଘଟଣାଗ୍ରସ୍ତ ହୋଇ ଜଣଙ୍କର ମୃତ୍ୟୁ ଘଟିଥିବା ଜଣାପଡିଛି। ଏହି ସମୟରେ ଘଟଣାସ୍ଥଳଥେର ସଭାପତି ଝିନ୍ନ ହିକ୍କା, ପୂର୍ବତନ ବିଧାୟକ କୈଳାସ ଚନ୍ଦ୍ର କୁଲେସିକା ଏବଂ କୌଶଲ୍ୟା ହିକ୍କା ପଡାଗଡ଼ରେ ପହଞ୍ଚି ୨୦ ଗୁରୁତରଙ୍କୁ ଜିଲା ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତରିତ କରିଥିବା ଦେଖିବାକୁ ମିଳିଛି।

# ବିପୁଳ ପରିମାଣର ମାଓବାଦୀ ସାମଗ୍ରୀ, ଦେଶୀ ବନ୍ଧୁକ ଜବତ



ପଟ୍ଟାଙ୍ଗି,୨୭।୩ (ଶରତ ଧଳ)

ସାଧାରଣ ନିର୍ବାଚନ ଯେତିକି ପାଖେଇ ଆସୁଛି ପୋଲିସ ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ବିଶେଷକରି କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ ଅନ୍ତର୍ଗତ ଆନ୍ଧ୍ର ଓଡ଼ିଶା ସୀମାନ୍ତ ଅଞ୍ଚଳରେ କୋମ୍ବିଂ ଅପରେଶନକୁ ଜୋରଦାର କରାଯାଇଛି ।ସୁଙ୍କି ପଞ୍ଚାୟତ ଅଳସୀ ଗାଁ ନିକଟରେ ବିଏସ୍‌ଏଫ ପକ୍ଷରୁ ପାଟ୍ରୋଲିଂ କରାଯାଉଥିବାବେଳେ ଜଙ୍ଗଲ ନିକଟରୁ ବହୁ ପରିମାଣର ମାଓବାଦୀ ସାମଗ୍ରୀ, ଦେଶୀ ବନ୍ଧୁକ ସହ ଅସ୍ତ୍ରଶସ୍ତ୍ର ଜବତ କରିଛନ୍ତି।

ସୁଙ୍କି ପଞ୍ଚାୟତର ଅଳସୀ ଗାଁ ନିକଟରେ ପାଟ୍ରୋଲିଂ ବେଳେ ଜଙ୍ଗଲରେ ବିଏସ୍‌ଏଫ୍ ଯବାନ ୨ଜଣ ସନ୍ଦିଗ୍ଧ ବ୍ୟକ୍ତିଙ୍କ ସହ ମୁହାଁମୁହିଁ ହୋଇଥିଲେ। ଏହି ସମୟରେ ବିଏସଏଫ ଏଡିପି ପାର୍ଟିର ଉପସ୍ଥିତିଦେଖି ୨ ବ୍ୟକ୍ତି ଆନ୍ଧ୍ରସୀମା ଆଡକୁ ପଳାଇଥିଲେ। ପରେ ସୁରକ୍ଷା ବାହିନୀ ଏହି ଅଞ୍ଚଳରେ ଯାଞ୍ଚ କରିବା ସମୟରେ ଉକ୍ତ ଜଙ୍ଗଲ ନିକଟରୁ ବହୁ ପରିମାଣର ମାଓବାଦୀ ସାମଗ୍ରୀ ଜବତ କରିଥିଲେ । ଜବତ ସାମଗ୍ରୀ ମଧ୍ୟରେ ବିଏମ୍‌ଏଲ ବନ୍ଧୁକ,ଏକ ମୋବାଇଲ ଫୋନ ସହିତ ଜିଓ ସିମ, ନଗଦ ୧୧୦ ଟଙ୍କା, ଟ୍ରିଗର ମେଶିନ, ହାମର ଦୁଇଟି, ହେକ୍ସା ବ୍ଲେଡ଼ , ଚପଲ ଦୁଇ ହଳ , ୫ଟି ଫାଇଲ, ୨ଟି ଛୁରୀ, ସୋଡିୟମ ବାରସାଇଟ ୩୦ ଗ୍ରାମ, ବ୍ରୋଞ୍ଜ ପ୍ଲେଟ ଗୋଟିଏ ଇତ୍ୟାଦି ୨୧ ଗୋଟି ସାମଗ୍ରୀ ଜବତ କରିଥିବା ସୂଚନା ଦେଇଛନ୍ତି । ଜବତ ସମସ୍ତ ସାମଗ୍ରୀ ସୁଙ୍କି ପୋଲିସ ଥାନାରେ ହସ୍ତାନ୍ତର କରିଥିବା ଇନ୍ସପେକ୍ଟର ସନ୍ଦୀପ କର୍କେଟ୍ଟା ସୂଚନା ଦେଇଛନ୍ତି ।

# ଚୋରି ଘଟଣାରେ ୭ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ

ସୁନାବେଡା/ପଟ୍ଟାଙ୍ଗି,୨୭।୩ (କୃତ୍ତିବାସ ପ୍ରଧାନ/ଶରତ ଧଳ)

ଓଡିଶା-ଆନ୍ଧ୍ର ସୀମାନ୍ତ ସୁଙ୍କି ଥାନା ଅଧୀନରେ ଥିବା ଏକ ଠିକା ସଂସ୍ଥା କ୍ୟାମ୍ପରୁ ମଙ୍ଗଳବାର ହୋଇଥିବା ଚୋରି ଘଟଣାରେ ପୋଲିସ ୭ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନଙ୍କ ମଧ୍ୟରେ ୪ ଜଣ ଅଟୋ ଚାଳକ ଅଛନ୍ତି। ଗିରଫ ଅଭିଯୁକ୍ତମାନେ ହେଲେ ବିଜୟନଗରମ ଜିଲା ରିଗିଡି ଅମାତା ବାଲସା ଥାନା ଅଧିନ ମେନବିଧି ଅମ୍ବାଡ଼ା ଗାଁର ଆବୁ ପେଣ୍ଟମ ନାଇଡୁ, ଗିନି ପବନ କୁମାର, ମହେଶ ବେଜିପରାପୁ, ପଇଲା ସୁରିନାରାୟଣ। ଅନ୍ୟମାନେ ହେଲେ ରାଜମ ଥାନା ଅଧୀନ ଦଲାପେଟା ଗାଁର ପିଲାଲା ଆପାରାଓ, ସୁଙ୍କି ଥାନା ଅଧିନ କତାତେଡା ଗାଁର କିରଣ ପଟେଲ ଏବଂ ପଟାଙ୍ଗି ଥାନା ଅଧିନ କୁରି ଆଲପାଡୁ ଗାଁର ମୁରଲୀ ଚୋପାଡ଼ି । ଏ ନେଇ ବୁଧବାର ଏକ ଖବରଦାତା ସମ୍ମିଳନୀରେ ସୁନାବେଡା ଏସ୍‌ଡିପିଓ ମନୋବ୍ରତା ଶତପଥୀ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ରାୟପୁରଠାରୁ ବିଶାଖାପାଟନମ ପର୍ଯ୍ୟନ୍ତ ନିର୍ମାଣ ହେଉଥିବା ଭାରତମାଳା ପ୍ରକଳ୍ପ ବିଭିନ୍ନ ଅଞ୍ଚଳରେ ଠିକା ସଂସ୍ଥା ଦ୍ୱାରା ନିର୍ମାଣ କାର୍ଯ୍ୟ ଚାଲୁ ରହିଛି। ତେଣୁ ସଂସ୍ଥା ପକ୍ଷରୁ ବିଭିନ୍ନ ସ୍ଥାନରେ ଲଗାଯାଇଥିବା କ୍ୟାମ୍ପରୁ ଚୋରି ହେଉଥିବା ଏକାଧିକ ଥାନାରେ ଅଭିଯୋଗ ହେଉଛି। ମଙ୍ଗଳବାର ବିଳମ୍ବିତ ରାତିରେ କ୍ୟାମ୍ପରୁ ଚୋରି ହେଉଥିବା ବିଶେଷ ସୂତ୍ରରୁ ଖବରପାଇ ସୁନାବେଡା ଏସଡିପିଓଙ୍କ ନିର୍ଦ୍ଦେଶରେ ସୁଙ୍କି ପୋଲିସ ପଟାଙ୍ଗି ଥାନା ଅଧିନ ତଳଗୋଲୁରୁ ଅଞ୍ଚଳରେ ଚଢାଉ କରି ୭ ଜଣଙ୍କୁ ଗିରଫ କରିଥିଲା । ପୋଲିସ ଏ ନେଇ କେସ ନଂ ୨୨/୨୪ରେ ଏକ ମାମଲା ରୁଜୁ କରିଥିଲା। ଚଢାଉ ସମୟରେ ପୋଲିସ ସେମାନଙ୍କଠାରୁ ପ୍ରାୟ ୨ ଲକ୍ଷ ଟଙ୍କାର ବିଭିନ୍ନ ଚୋରି ଲୁହା ସାମଗ୍ରୀ ଭର୍ତ୍ତି ହୋଇଥିବା ୪ଟି ଅଟୋକୁ ଜବତ କରିବା ସହ ୫ଟି ମୋବାଇଲ ଓ ନଗଦ ୪୫୦୦ ଟଙ୍କା ଜବତ କରିଛି। ଚଢ଼ାଉ ସମୟରେ ଥାନା ଅଧିକାରୀ କେ ସାଙ୍ଗମା, ଏଏସଆଇ ରୋହିତ ଦାସ ବିଡିକା,ଏଏସଆଇ ଅଭୟ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

# ୧ କୁଇଣ୍ଟାଲ ଗଞ୍ଜେଇ ଜବତ

ନନ୍ଦପୁର,୨୭।୩ (ଶଙ୍କର ପୂଜାରୀ)

କୋରାପୁଟ ଜିଲା ନନ୍ଦପୁର ପୋଲିସ ପାଟ୍ରୋଲିଂ କରୁଥିବା ସମୟରେ ସୁବାଇ ପଞ୍ଚାୟତ ଅନ୍ତର୍ଗତ ବିଲାପୁଟ ଗ୍ରାମ ରାସ୍ତା କଡ଼ରେ ଚାଲାଣ ପାଇଁ ଗଚ୍ଛିତ ୧ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଗଞ୍ଜେଇ ଜବତ କରିଛି। ପୋଲିସକୁ ଦେଖି ଚାଲାଣକାରୀ ଘଟଣାସ୍ଥଳରୁ ଖସି ପଳାଇବାରେ ସକ୍ଷମ ହୋଇଥିବା ନନ୍ଦପୁର ଥାନାଧିକାରୀ ମମତା ପଣ୍ଡା ସୂଚନା ଦେଇଛନ୍ତି। ଜବତ ଗଞ୍ଜେଇକୁ ଓଜନ କରିବାରେ ୧ କୁଇଣ୍ଟାଲ ୧୦୦ ଗ୍ରାମ ଥିବା ଜଣାପଡିଥିଲା। ନନ୍ଦପୁର ଥାନାରେ କେସ ନଂ ୪୧ / ୨୪ ପ୍ରକାରେ ମାମଲା ରୁଜୁ କରିଛି। ଏସଆଇ ବେଦୋବର ସାହୁଙ୍କୁ ତଦନ୍ତ ଦାୟିତ୍ୱ ଦିଆଯାଇଥିବା କହିଛନ୍ତି। ପାଟ୍ରୋଲିଂ ଦଳରେ ଏସ୍‌ଆଇ ଦୀପ୍ତିମୟୀ ଧାରୁଆ ଓ ନନ୍ଦପୁର ପୋଲିସ ଦଳ ସାମିଲ ଥିଲେ।

# ବିଜୟ ମୁଦୁଲିଙ୍କ ସମ୍ପତ୍ତି ବାଜ୍ୟାପ୍ତି ପାଇଁ ପୋଲିସର ଲଟକା ଜାରି

## ଅଦାଲତ ଅବମାନନା

ଦାମନଯୋଡି,୨୭।୩ (ମାନସ ରଞ୍ଜନ କର)

କୋରାପୁଟ ଏସ୍‌ଡିଜେଏମ୍ ଅଦାଲତ ନିର୍ଦ୍ଦେଶରେ ଦାମନଯୋଡି ଥାନା ଅଁଳାବାଡି କଲୋନିର ବିଜୟ ମୁଦୁଲିଙ୍କ ସ୍ଥାବର ଅସ୍ଥାବର ସମ୍ପତ୍ତି ବାଜ୍ୟାପ୍ତି ପାଇଁ ପୋଲିସ ଲଟକା ଜାରି କରିଛି। ୨୦୧୧ରେ ବିଜୟଙ୍କ ନାମରେ ଏକ ସଙ୍ଗୀନ ମାମଲା ରୁଜୁ ହୋଇଥିଲା ବେଳେ ଏ ନେଇ ଅଦାଲତ ପକ୍ଷରୁ ଏକାଧିକ ବାର ତାଙ୍କ ନାମରେ ସମନ ଓ ୱାରେଣ୍ଟ ଜାରି କରାଯାଇଥିଲା, କିନ୍ତୁ ସେ ଅଦାଲତ ନିର୍ଦ୍ଦେଶକୁ ଅବମାନନା କରି ଆସୁଥିଲେ। ତେଣୁ ଅଦାଲତଙ୍କ ନିର୍ଦ୍ଦେଶରେ ସିଆରପିସି ସେକ୍ସନ ୮୨ ଆଧାରରେ ଦାମନଯୋଡି ପୋଲିସ ପକ୍ଷରୁ ମାର୍ଚ୍ଚ ୨୪ରେ ଅଞ୍ଚଳବାସୀଙ୍କ ଉପସ୍ଥିତରେ ଢ଼ାକବାଜି ଯନ୍ତ୍ର ପ୍ରଚାର କରାଯାଇ ଏହି ଲଟ୍‌କା ଜାରି କରାଯାଇଛି। ଆସନ୍ତା ୩୦ଦିନ ଅର୍ଥାତ୍ ଏପ୍ରିଲ ୨୪ତାରିଖ ମଧ୍ୟରେ ଯଦି



ବିଜୟ ଅଦାଲତରେ ଆତ୍ମସମର୍ପଣ ନ କରନ୍ତି ତେବେ ତାଙ୍କର ସମସ୍ତ ସ୍ଥାବର ଅସ୍ଥାବର ସମ୍ପତ୍ତି ବାଜ୍ୟାପ୍ତି କିମ୍ବା ନିଲାମ କରାଯିବ ବୋଲି ଏହି ନିର୍ଦ୍ଦେଶନାମାରେ ଉଲ୍ଲେଖ ରହିଛି। ସୂଚନାଯୋଗ୍ୟ, ବିଜୟ କୋରାପୁଟ ବ୍ଲକ ମାଥାଲପୁଟ ପଞ୍ଚାୟତର ପୂର୍ବତନ ସରପଞ୍ଚ ଥିଲେ। ଏକ ନାବାଳିକା ବଳାତ୍କାର ଘଟଣାକୁ ନେଇ ୨୦୧୧ରେ ତାଙ୍କ ନାମରେ ସଙ୍ଗୀନ ମାମଲା ରୁଜୁ ହୋଇଥିଲା। ତେବେ ସେବେଠାରୁ ସେ ଫେରାର ଅଛନ୍ତି। ଅନ୍ୟପକ୍ଷରେ ଗତ କିଛିବର୍ଷ ପୂର୍ବେ ବିଜୟ ମରିଯାଇଛନ୍ତି ବୋଲି ଏକ ଖବର ପ୍ରଚାରିତ ହୋଇଥିଲା। ତେବେ ବିଜୟଙ୍କ ମୃତ୍ୟୁକୁ ନେଇ ନିର୍ଦ୍ଦିଷ୍ଟ ଫଟୋ କିମ୍ବା ପ୍ରମାଣ ନ ଥିବାରୁ ସେବେଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ଲୋକମାନଙ୍କ ମଧ୍ୟରେ ଏକ ସନ୍ଦେହ ରହିଥିବା ବେଳେ ଏ ପର୍ଯ୍ୟନ୍ତ ତାଙ୍କ ପରିବାର ପକ୍ଷରୁ କୌଣସି ସ୍ପଷ୍ଟ କରାଯାଇନାହିଁ।

# ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ଜାତୀୟ ଆଲୋଚନାଚକ୍ର

କୋରାପୁଟ,୨୭।୩ (ଅମିତାଭ ବେହେରା)

ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ 'ବିକଶିତ ଭାରତ @୨୦୪୭: ଅର୍ଥନୈତିକ ଓ ପରିଚାଳନା ଆହ୍ୱାନ' ଶୀର୍ଷକ ଦୁଇ ଦିନିଆ ଜାତୀୟ ଆଲୋଚନାଚକ୍ର ଉଦ୍‌ଘାଟିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମକୁ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ବିଧୁଭୂଷଣ ମିଶ୍ର, ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ପ୍ରଫେସର ଏନ୍‌ସି ପଣ୍ଡାଙ୍କ ସମେତ ରାଞ୍ଚିସ୍ଥିତ ମେକନ ଲିମିଟେଡର ଅବସରପ୍ରାପ୍ତ କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ ସଞ୍ଜୀବ କୁମାର, ପଞ୍ଜାବ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପ୍ରଫେସର ପବିତ୍ର କୁମାର ମିଶ୍ର, ହାଇଦ୍ରାବାଦ ବିଶ୍ୱବିଦ୍ୟାଳୟର ପ୍ରଫେସର ଇରାଲା ଲୋକାନନ୍ଦ ରେଡ୍ଡୀ ଏବଂ ଜଗଦଲପୁରସ୍ଥିତ


ଜାତୀୟ ଆଲୋଚନାଚକ୍ରରେ ଉପସ୍ଥିତ ଅତିଥି ଉଦ୍‌ବୋଧନ ଦେଉଛନ୍ତି।

ମେକନର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ମନୋରଞ୍ଜନ ବିଶ୍ୱାସ ପ୍ରମୁଖ ଉପସ୍ଥିତ ଥିଲେ। ଆବାହକ ଡ. ପଦ୍ମ ଚରଣ ମିଶ୍ର, ସଂଗଠନ ସମ୍ପାଦକ ଡ. ପ୍ରଶାନ୍ତ କୁମାର ବେହେରା ଏବଂ ଡିବିଏମର ସଂଯୋଜକ ଡ. ସୁବାସ ଚନ୍ଦ୍ର ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ଦକ୍ଷ ଟିମ୍ ଦ୍ୱାରା ଆୟୋଜିତ ଏହି ଆଲୋଚନାଚକ୍ରରେ ଭାରତର ଅର୍ଥନୈତିକ ଓ ପରିଚାଳନା କ୍ଷେତ୍ରର ଗୁରୁତ୍ୱପୂର୍ଣ୍ଣ ଦିଗ ଉପରେ ଆଲୋକପାତ କରିବାକୁ ଲକ୍ଷ୍ୟ ରଖାଯାଇଛି। ପ୍ରଫେସର ତ୍ରିପାଠୀ ଏକ ବିକଶିତ ଭାରତ ଗଠନରେ ଶାନ୍ତି ଓ ସମୃଦ୍ଧିର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିବା ସହ ପାଶ୍ଚାତ୍ୟ ବିଚାରାଧାରା ଉପରେ ସ୍ୱଦେଶୀ ବ୍ୟବସାୟ ପରିଚାଳନା ନୀତି ଉପରେ ଗୁରୁତ୍ୱାରୋପ କରିଥିଲେ । ମୁଖ୍ୟବକ୍ତା ପ୍ରଫେସର ବିଧୁଭୂଷଣ ମିଶ୍ର ଭାରତର ସାମ୍ପ୍ରତିକ ଅର୍ଥନୈତିକ ସ୍ଥିତି ସମ୍ପର୍କରେ ଆଲୋକପାତ କରିଥିଲେ । ଏହି ସେମିନାରରେ ଅର୍ଥନୈତିକ ସୁଯୋଗ, ଅନ୍ତର୍ଭୁକ୍ତ ବିକାଶ, ପ୍ରଯୁକ୍ତିବିଦ୍ୟା, ମାର୍କେଟିଂ, ଫାଇନାନ୍ସ, ଉଦ୍ଭାବନ ଏବଂ ଉଦ୍ୟୋଗଶୀଳତା ଭଳି ବିଭିନ୍ନ ବିଷୟ ଉପରେ ଅଧିବେଶନ ଅନୁଷ୍ଠିତ ହେବ । ଏହାବ୍ୟତୀତ ପେପର ଉପସ୍ଥାପନା ପାଇଁ ଦୁଇଟି ବୈଷୟିକ ଅଧିବେଶନ, ବିଶିଷ୍ଟ ବକ୍ତାଙ୍କ ଦ୍ୱାରା ୬ଟି ଅଧିବେଶନ ଏବଂ ସେମିନାରର ଉପ-ବିଷୟବସ୍ତୁ ଉପରେ ଏକ ପ୍ୟାନେଲ ଆଲୋଚନା ଅନୁଷ୍ଠିତ ହେବ। ଡ. ପ୍ରଶାନ୍ତ କୁମାର ବେହେରା ଅତିଥିମାନଙ୍କୁ ସ୍ୱାଗତ କରିଥିବା ବେଳେ ଡ. ପଦ୍ମ ଚରଣ ମିଶ୍ର ବିଭାଗର ସମୀକ୍ଷା କରିଥିଲେ। ଡ. ସୁବାସ ଚନ୍ଦ୍ର ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଡ. ପ୍ରୀତିନନ୍ଦ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଡ. ସୀତାନାଥ ରାୟଗୁରୁ, ନୀତିନ କୁମାର ହୋତା ଓ ଶ୍ରୀନିବାସ ରାଓ କେ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିବା ବିଶ୍ୱବିଦ୍ୟାଳୟର ଜନସମ୍ପର୍କ ଅଧିକାରୀ ଡ. ଫଗୁନାଥ ଭୋଇ ସୂଚନା ଦେଇଛନ୍ତି ।

# ଉମରକୋଟ, ନବରଙ୍ଗପୁରରେ ମହିଳା କାର୍ଡ

ନବରଙ୍ଗପୁର/ଉମରକୋଟ, ୨୭।୩ (ସଦାଶିବ ପ୍ରହରଜ/ସନ୍ତୋଷ ଶତପଥୀ)

### ବିଜେଡି ପ୍ରାର୍ଥୀ ତାଲିକା
- ପ୍ରଦୀପ ମାଝି ନବରଙ୍ଗପୁର ଲୋକ ସଭା ପ୍ରାର୍ଥୀ
- ଉମରକୋଟରେ ନବୀନା, ନବରଙ୍ଗପୁରରେ କୌଶଲ୍ୟା
- ପୁଣି ମନୋହରଙ୍କ ଉପରେ ଭରସା କଲା ଦଳ
- ରମେଶ ମାଝିଙ୍କୁ ମିଳିଲା ଝରିଗାଁରୁ ବିଧାୟକ ଟିକେଟ

ବିଜେଡି ପକ୍ଷରୁ ନବରଙ୍ଗପୁର ଲୋକସଭା ଓ ଉମରକୋଟ, ଝରିଗାଁ, ଡାବୁଗାଁ, ନବରଙ୍ଗପୁର ବିଧାନସଭା ନିର୍ବଚନୀ ମଣ୍ଡଳୀର ବିଧାୟକ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇଛି। ପ୍ରଥମେ ଭାଜପା ଓ ୨ ଦିନ ପରେ ବିଜେଡି ପକ୍ଷରୁ ପ୍ରାର୍ଥୀ ଘୋଷଣା କରାଯିବା ପରେ ମାସେ ହେଲା ମେଣ୍ଟକୁ ନେଇ ଯେଉଁ କଳ୍ପନାଜଳ୍ପନା ଏବଂ କର୍ମୀଙ୍କ ମନରେ ଦ୍ୱନ୍ଦ୍ୱ ରହିଥିଲା ସେଥିରେ ପୂର୍ଣ୍ଣଚ୍ଛେଦ ପଡ଼ିଛି। ନବରଙ୍ଗପୁର ଲୋକସଭା ପାଇଁ ପ୍ରଦୀପ ମାଝିଙ୍କ ନାମ ଘୋଷଣା କରାଯାଇଛି। ଉମରକୋଟ ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ରାଇଘର ବ୍ଲକ ଅଧକ୍ଷା ନବିନା ନାୟକ, ଝରିଗାଁରେ ରମେଶ ଚନ୍ଦ୍ର ମାଝି, ଡାବୁଗାଁରେ ମନୋହର ରନ୍ଧାରୀ ଓ ନବରଙ୍ଗପୁରରେ ବିଧାୟକ ପ୍ରାର୍ଥୀ ଭାବେ କୌଶଲ୍ୟା ପ୍ରଧାନୀଙ୍କ ନାମ ଦଳ ଘୋଷଣା କରିଛି। ଉମରକୋଟ ଓ ନବରଙ୍ଗପୁରରେ ଦଳ ମହିଳା କାର୍ଡ ଖେଳି ଓ ୨ ନୂଆ ଚେହେରାକୁ ନେଇ ଲୋକଙ୍କ ବିଶ୍ୱାସ ଭାଜନ ହେବାକୁ ଚେଷ୍ଟା କରୁଛି।

ଟିକେଟ ଫାଇନାଲ ହେବାପରେ ପ୍ରାର୍ଥୀଙ୍କ ସମର୍ଥକ ଓ ଦଳୀୟ କର୍ମୀମାନେ ସେମାନଙ୍କ ବାସଭବନକୁ ଯାଇ ମିଠା ଖୁଆଇ ଖୁସି ମନାଇଥିଲେ। ଟିକେଟ ପାଇଥିବା ସମସ୍ତ ପ୍ରାର୍ଥୀ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ, ଆମ ଓଡ଼ିଶା ନବୀନ ଓଡିଶା ଅଧକ୍ଷ କାର୍ତ୍ତିକ ପଣ୍ଡିଆନ ଓ ପ୍ରଣବ ପ୍ରକାଶ ଦାସଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଦଳ ଯେଉଁ ଭରସା କରିଛି ତାହା ପୂରଣ କରିବି ବୋଲି ପ୍ରାର୍ଥୀମାନେ ମତ ଦେଇଛନ୍ତି।

ଏମ୍‌ପିରୁ ବିଧାୟକ ପ୍ରାର୍ଥୀ ଏବଂ ବିଜେଡିକୁ ଆମଦାନୀ ହୋଇଥିବା ନେତାଙ୍କୁ ଏମପି ଟିକେଟ ଦିଆଯିବା ନେଇ ରମେଶ ମାଝିଙ୍କୁ ପଚାରିବାରୁ ଦଳ ଯେତେବେଳେ ଯେଉଁ ଗୁରୁ ଦାଇତ୍ୱ ଦେଇଛି ତାହାକୁ ସୁଚାରୁ ରୁପେ ତୁଲାଇଛି ବୋଲି ସେ କହିଥିଲେ। ଝରିଗାଁ ନିର୍ବାଚନ ମଣ୍ଡଳୀ ବିକାଶରେ ପ୍ରଦୀପ ମାଝିଙ୍କ ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି। ସେଠାରୁ ତାଙ୍କୁ ଟିକେଟ ନ ମିଳିବା ଟିକେ ଦୁଃଖ ଦେଇଛି ବୋଲି ରମେଶ ମାଝି କହିଥିଲେ। ଯାହାବି ହେଉ ଦଳର ନିଷ୍ପତି ମାନି ଯେଉଁ ଗୁରୁ ଦାୟିତ୍ୱ ଦିଆଯାଇଛି ତାହାକୁ ଫଳପ୍ରଦ କରିବା ପାଇଁ କାର୍ଯ୍ୟ କରିବେ ବୋଲି ସେ କହିଛନ୍ତି। ଝରିଗାଁ ନିର୍ବାଚନ ମଣ୍ଡଳୀର ଲୋକେ ପୂର୍ବରୁ ପରିବାରକୁ ଆଶୀର୍ବାଦ କରିଥିଲେ ଓ ବର୍ତ୍ତମାନ ମୋତେ ମଧ ଆଶୀର୍ବାଦ ଦେବେ ବୋଲି ସେ କହିଥିଲେ। ଦଳରେ ରମେଶ ମାଝିଙ୍କୁ କୋଣ ଠେସା କରାଯାଇଛି କି ପ୍ରଶ୍ନ କରାଯିବାରୁ ସେ ଏହାକୁ ଏଡ଼ାଇ ଦେଇଛନ୍ତି।


ପ୍ରାର୍ଥୀ ତାଲିକା ଘୋଷଣା ପରେ ପ୍ରଦୀପ ମାଝି, ରମେଶ ମାଝି ଓ ନବୀନା ନାୟକଙ୍କ ସହ ଦଳୀୟ ନେତା ଓ କର୍ମୀମାନେ।

ନବରଙ୍ଗପୁର ଲୋକସଭା ଆସନରେ ପ୍ରାର୍ଥୀ ହୋଇଥିବା ପ୍ରଦୀପ ମାଝୀ ମୁଖ୍ୟମନ୍ତ୍ରୀ ଓ କାର୍ତ୍ତିକ ପାଣ୍ଡିଆନ ଓ ପ୍ରଣବ ପ୍ରକାଶ ଦାସଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଲୋକଙ୍କ ସେବା ପାଇଁ ଦଳ ପକ୍ଷରୁ ଯେଉଁ ଦାୟିତ୍ୱ ଦିଆଯାଇଛି ତାହାକୁ କାର୍ଯ୍ୟରେ କରି ଦେଖାଇବି ବୋଲି ସେ କହିଥିଲେ। ମୁଖ୍ୟମନ୍ତ୍ରୀ ବିଭିନ୍ନ ବର୍ଗର ଲୋକଙ୍କ ପାଇଁ ଅନେକ ଯୋଜନା କରିଛନ୍ତି। ଲୋକେ ବିଜେଡିକୁ ଖୁସିରେ ଗ୍ରହଣ କରିବା ସହ ଦଳୀୟ ପ୍ରାର୍ଥୀଙ୍କୁ ଜିତାଇବାରେ ସହଯୋଗ କରିବେ ବୋଲି ଆଶା ଅଛି ବୋଲି ପ୍ରଦୀପ କହିଛନ୍ତି। ଅଞ୍ଚଳର ରୂପାନ୍ତରିତ କାର୍ଯ୍ୟ ଜାରି ରହିଥିବାବେଳେ ତାହାକୁ କିପରି ଆଗାମୀ ୫ବର୍ଷରେ ଆହୁରି ଆଗକୁ ନିଆଯିବ ସେ ଦିଗରେ ଚେଷ୍ଟା କରିବି। ଏହି ଏଜେଣ୍ଡା ନେଇ ଭୋଟ ଭିକ୍ଷା କରିବୁ ବୋଲି ସେ କହିଛନ୍ତି। ଟିକେଟ ଘୋଷଣା ସମୟରେ ପ୍ରଦୀପ ମାଝୀ ଉମରକୋଟ ଏକ କାର୍ଯ୍ୟକ୍ରମରେ ଥିଲେ ପରେ ସେ ନବିନା ନାୟକ ଙ୍କ ଉମରକୋଟ ସ୍ଥିତ ବାସ ଭବନକୁ ଯାଇ ଓ ପରେ ରମେଶ ଚନ୍ଦ୍ର ମାଝୀ ଙ୍କ ଉମରକୋଟ ସ୍ଥିତ ବାସ ଭବନକୁ ଯାଇଥିଲେ ଉଭୟ ଉଭୟେ ଙ୍କୁ ମିଠା ଖୁଆଇ ଶୁଭେଚ୍ଛା ଜଣାଇଥିଲେ। ଏହି ସମୟରେ ଉମରକୋଟ ପୂର୍ବତନ ବିଧାୟକ ସୁବାସ ଗଣ୍ଡ, ଉମରକୋଟ ପୌରାଧକ୍ଷ ରାଧା ଭତ୍ରା, କାଉନସିଲର ତପନ ଦେବନାଥ, ଚିତ୍ତରଞ୍ଜନ ପାତ୍ର, ଭି.ବୁଜି ରାଓ, ମନୋଜ ଧଳ, କୈଳାସ ନାୟକ, ବିନୋଦ ମହାନ୍ତି ତଥା ଦଳୀୟ କର୍ମୀ ଉପସ୍ଥିତ ଥିଲେ।

## କେନ୍ଦୁଗଛରେ ଭାଲୁ

ଉମରକୋଟ, ୨୭।୩(ସନ୍ତୋଷ ଶତପଥୀ)



ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ ବେହେଡ଼ା ନିକଟସ୍ଥ ଡାଇବେଡ଼ା ଗ୍ରାମରେ କେନ୍ଦୁ ଗଛରେ ଭାଲୁଟିଏ ଚଢ଼ିଯାଇଥିଲା। ବନ କର୍ମଚାରୀମାନେ ଦୀର୍ଘ ୩ଘଣ୍ଟା ପରିଶ୍ରମ କରି ଭାଲୁଟିକୁ ଗଛରୁ ଓହ୍ଲାଇବାରେ ସଫଳ ହୋଇଥିଲେ। ଏହାପରେ ଭାଲୁଟି ଜଙ୍ଗଲକୁ ପଳାଇଥବବା ଜଣାପଡ଼ିଛି।

ସୂଚନାନୁଯାୟୀ, ବୁଧବାର ସକାଳେ ଡାଇବେଡ଼ା ଗ୍ରାମ ନିକଟରେ ଥିବା ଏକ କେନ୍ଦୁ ଗଛ ଉପରେ ଭାଲୁଟି ବସିଥିବା ଗ୍ରାମବାସୀ ଦେଖିଥିଲେ। ସେମାନେ ଉମରକୋଟ ବନ ବିଭାଗ କର୍ମଚାରୀଙ୍କୁ ଏ ନେଇ ଖବର ଦେଇଥିଲେ। ଉମରକୋଟ ରେଞ୍ଜର ଦେବସ୍ମିତା ସାହୁଙ୍କ ନିର୍ଦ୍ଦେଶ କ୍ରମେ ଉମରକୋଟ ବନପାଳ ଜସ୍ମିରାଣୀ କିସ୍କୁ, ବନପାଳ ସ୍ଥିତିପ୍ରଜ୍ଞା ତ୍ରିପାଠୀ, ବନରକ୍ଷୀ ସୁଧୀର ପଟ୍ଟନାୟକ, ପାରାଷ୍ଟାଫ ଯଦୁ କେଉଟ ଓ ଧନିରାମ ଭତ୍ରା ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ସେଠାରୁ ଖାଲି କରିଥିଲେ। ପ୍ରାୟ ୩ ଘଣ୍ଟାର ଚେଷ୍ଟା ପରେ ଭାଲୁଟି ଗଛରୁ ଓହ୍ଲାଇ ନିକଟରେ ଥିବା ଏକ କଲଭର୍ଟ ଭିତରକୁ ପ୍ରବେଶ କରିଥିଲା। କଲଭର୍ଟ ଉପରେ ଯାନବାହାନ ଚଳାଚଳ କରୁ ଥିବାରୁ ଭାଲୁଟି ସନ୍ଧ୍ୟା ପର୍ଯ୍ୟନ୍ତ ସେଠାରେ ରହିଥିଲା। ସନ୍ଧ୍ୟା ପରେ ଭାଲୁଟି ଜଙ୍ଗଲ ଭିତରକୁ ପଳାଇଥିବା ସୂଚନା ମିଳିଛି।

## ସ୍ତ୍ରୀଙ୍କ ତଣ୍ଟି ଚିପି ହତ୍ୟା ଅଭିଯୋଗ

ଝରିଗାଁ, ୨୭।୩(କିଶୋର ଚନ୍ଦ୍ର ମଣ୍ଡଳ)

### ଘଟଣାସ୍ଥଳରୁ ସ୍ୱାମୀ ଫେରାର

ନବରଙ୍ଗପୁର ଜିଲା ଝରିଗାଁ ଥାନା ଅଧୀନ ମହଣ୍ଡି ଗ୍ରାମରେ ସ୍ତ୍ରୀର ତଣ୍ଟି ଚିପି ସ୍ୱାମୀ ହତ୍ୟା କରିଥିବା ନେଇ ଝରିଗାଁ ଥାନରେ ଅଭିଯୋଗ ହୋଇଛି। ମୃତକ ହେଲେ କୁସୁମୀ ଗ୍ରାମର ଦଶମୁ ହରିଜନଙ୍କ ସ୍ତ୍ରୀ ରଦମା। ପୋଲିସ କେସ ନମ୍ବର ୬୨/୨୪ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଘଟଣା ସ୍ପଷ୍ଟ ହେବ ବୋଲି ତଦନ୍ତକାରୀ ଏସ୍‌ଆଇ କେ.ଲକ୍ଷ୍ମୀନାରାୟଣ ଦୋରା କହିଛନ୍ତି। ଅଭିଯୁକ୍ତ ଦଶମୁ ଫେରାର ଥିବା ପୋଲିସ ସୂଚନା ଦେଇଛି।

ଏତଲା ଅନୁଯାୟୀ, ମହଣ୍ଡି ଗ୍ରାମର ଧନସିଂ ହରିଜନଙ୍କ ଭଉଣୀ ରଦମା (୨୭) କିଛି ବର୍ଷ ତଳେ କୁସୁମୀ ଗ୍ରାମର ଦଶମୁ ହରିଜନଙ୍କୁ ବିବାହ କରିଥିଲେ। ଦଶମୁ ଅନେକ ସମୟରେ ରଦମାଙ୍କୁ ମାଡ଼ ମାରିବା ସହ ଘରୁ ବାହାର କରୁଥିଲେ। ରଦମା ସ୍ୱାମୀଙ୍କ ମାଡ଼ ଭୟରେ ମହଣ୍ଡି ଗ୍ରାମ ଯାଇ ଭାଇଙ୍କ ଘରେ ରହି କିଛି ଦିନ ପରେ ପୁଣି ସ୍ୱାମୀ ପାଖକୁ ଫେରି ଆସୁଥିଲା। ଗତ ୯ ତାରିଖ ରାତିରେ ଦଶମୁ ରଦମାଙ୍କୁ ପ୍ରବଳ ମାଡ଼ ମାରିଥିଲେ। ରଦମାଙ୍କ ଚିତ୍କାର ଶୁଣି ପୋଡ଼ଶୀ ଲୋକ ତାଙ୍କୁ ଉଦ୍ଧାର କରି ବାପଘର ଲୋକଙ୍କୁ ଖବର ଦେଇଥିଲେ। ପରିବାର ଲୋକ ଆସିବାବେଳକୁ ରଦମା ଅଚେତ ହୋଇପଡ଼ିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଝରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସିତ ହେବାପରେ ରଦମା ସୁସ୍ଥ ହୋଇ ଘରକୁ ଫେରିବା ପରେ ପରିବାର ଲୋକଙ୍କ ସହ ଭାଇ ଘରକୁ ଯାଇଥିଲେ। ସେହିଦିନଠାରୁ ରଦମା ଭାଇ ଘରେ ରହି ଆସୁଥିଲେ। ୨୬ ତାରିଖ ରାତିରେ ଦଶମୁ ଶଶୁର ଘରକୁ ଯାଇ ଗଣ୍ଡଗୋଳ କରିଥିଲେ। ପରିବାର ଲୋକ ବହୁତ ବୁଝାଶୁଝା କରିବା ପରେ ଦଶମୁ ଶାନ୍ତ ପଡ଼ିଥିଲେ। ରଦମା, ମାଆ ବୁଦନ୍ତୀ, ଭାଇ ରଞ୍ଜିତ ଏବଂ ସ୍ୱାମୀ ଦଶମୁଙ୍କ ସହ ଗୋଟିଏ କୋଠରୀରେ ଶୋଇଥିଲେ। ବୁଧବାର ଭୋରରୁ ରଦମା ଜୋରରେ ପାଟି କରିବାରୁ ପାଖରେ ଶୋଇଥିବା ତାଙ୍କ ମାଡ଼ ଉଠି ପଡ଼ିଥିଲେ। ଦଶମୁ ରଦମାର ତଣ୍ଟିକୁ ଗୋଡ଼ରେ ଚାପୁଥିବା ବୁଦନ୍ତୀ ଦେଖି ପାଟି କରିବାରୁ ସେ ଘଟଣାସ୍ଥଳରୁ ଦୌଡ଼ି ପଳାଇଥିଲେ। ପରିବାର ଲୋକେ ଅଚେତ ଅବସ୍ଥାରେ ରଦମାଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଝରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଘଟଣା ନେଇ ମୃତ ରଦମାଙ୍କ ବଡ଼ ଭାଇ ଧନସିଂ ଝରିଗାଁ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଝରିଗାଁ ପୋଲିସ ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

## ସଂକ୍ଷେପରେ

### ଦେଶୀ ମଦ ଚାଲାଣ ବେଳେ ଚଢ଼ାଉ, ଜଣେ ଗିରଫ

ଜୟପୁର, ୨୭।୩(ପବନ ପାଣିଗ୍ରାହୀ)

ଦେଶୀ ମଦ ଚାଲାଣବେଳେ ଜୟପୁର ଅବକାରୀ ଥାନା ପୋଲିସ ଚଢ଼ାଉ କରି ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ପଦୁଗୁଡା ଗ୍ରାମର ଭଗବତୀ ହରିଜନ । ଜୟପୁର ଅବକାରୀ ଥାନା ସୂଚନାନୁଯାୟୀ ଅନୁଯାଇ ଦେଶୀ ମଦ ଚାଲାଣ ହେଉଥିବା ସମ୍ପର୍କରେ ଜୟପୁର ଅବକାରୀ ପୋଲିସ ଖବରପାଇ ପଦୁଗୁଡା ଗ୍ରାମର ରାସ୍ତାରେ ଚଢାଉ କରିଥିଲେ। ଏହି ସମୟରେ ଭଗବତୀଙ୍କୁ ଗିରଫ କରାଯାଇଥିଲା। ତାଙ୍କଠାରୁ ୯.୫ ଲିଟର ଦେଶୀ ମଦ ଜବତ କରି କୋର୍ଟ ଚାଲାଣ କରାଯାଇଥିବା ଜୟପୁର ଅବକାରୀ ଥାନା ଓଆଇସି ନିଳାଦ୍ରୀ ବିହାରୀ ମିଶ୍ର ସୂଚନା ଦେଇଛନ୍ତି।

### ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

କୋଷାଗୁମୁଡ଼ା, ୨୭।୩(ପ୍ରସାଦ ବିଷୋୟୀ): ନବରଙ୍ଗପୁର ଜିଲା କୋଷାଗୁମୁଡା ବ୍ଲକ ଅଧୀନ ବଡ଼ ଆମ୍ବଡ଼ା ଗ୍ରାମରେ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ମିଳିଛି। ମୃତକ ହେଲେ ବଡ଼ ଆମ୍ବଡା ଗ୍ରାମର ଚେନ୍ ସିଂ (୨୭)। ସେ ଛତିଶଗଡ଼ର ବାରଣାସୀରେ ଡ୍ରାଇଭର ଭାବେ କାମ କରୁଥିଲେ। କିଛି ଦିନ ପୂର୍ବେ ଗାଁକୁ ଆସିଥିଲେ। ଚେନ୍ ସିଂ ସୋମବାର ରାତିରେ ନିକଟସ୍ଥ ଜଙ୍ଗଲକୁ ଯାଇ ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଛି। କୋଷାଗୁମୁଡା ଥାନାରେ ପୋଲିସ କେସ୍ ନଂ ୩/୨୪ରେ ଅପମୃତ୍ୟୁ ମାମଲା ରୁଜୁ କରିଛି। ବୁଧବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଥିବା ତଦନ୍ତକାରୀ ଅଧିକାରୀ ଏଲ୍.କେ. ପଣ୍ଡା ସୂଚନା ଦେଇଛନ୍ତି।



ବୈଠକରେ ଯୋଗଦେଇଥିବା କିନ୍ନର ସଂଘ ସଦସ୍ୟ ଓ ଅନ୍ୟମାନେ।

## ଡାକ୍ତରଖାନା, ମ୍ୟୁନିସିପାଲିଟିରେ ଚାକିରି ଦେବାକୁ ନିବେଦନ

ନବରଙ୍ଗପୁର, ୨୭।୩(ସଦାଶିବ ପ୍ରହରାଜ)

### ବୈଠକରେ କିନ୍ନରଙ୍କ ସମସ୍ୟା ନେଇ ଆଲୋଚନା

ନବରଙ୍ଗପୁର ଜିଲା ପ୍ରଶାସନ ଆନୁକୂଲ୍ୟରେ ଗାନ୍ଧୀନଗର ତପୋବନ ପରିସରରେ ନବରଙ୍ଗପୁର ଜିଲା କିନ୍ନର ସଂଘ ସଦସ୍ୟଙ୍କୁ ନେଇ ଦକ୍ଷତା ବିକାଶ ନିମନ୍ତେ ଏକ ବୈଠକ କରାଯାଇଛି। ରାୟଗଡ଼ାର ମା ମାଝୀଗୌରୀ ସଙ୍ଗଠନ ମୁଖ୍ୟ ପିଙ୍କି ମାଙ୍କ ସଭାତିତ୍ୱରେ ଅନୁଷ୍ଠିତ ବିଠକରେ ନବରଙ୍ଗପୁର ଜିଲାର କିନ୍ନରମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଜିଲା କିନ୍ନର ସଂଘ ସଭାପତି କାଜୋଲ କିନ୍ନର ଏବଂ ସମ୍ପାଦକ ଚୁମୁକି କିନ୍ନର ସଂଘର ଉପଲବ୍ଧି ସମ୍ପର୍କରେ ଆଲୋଚନା କରିଥିଲେ। ଯେଉଁ ଜିଲ୍ଲାର କିନ୍ନର ସେହି ଜିଲ୍ଲାରେ ଟୋଲି କରିବେ ବୋଲି ଭୁବନେଶ୍ୱର ଠାରେ ଅନୁଷ୍ଠିତ ସଭାରେ ନିଷ୍ପତ୍ତି ନିଆଯାଇଛି ବୋଲି ପିଙ୍କି ମା ଜଣାଇବା ପରେ ଜିଲ୍ଲାର ସମସ୍ତ କିନ୍ନର ଖୁସିବ୍ୟକ୍ତ କରିଥିଲେ।

ଜିଲା କିନ୍ନର ସଂଘ ହେବା ପରେ ସରକାରଙ୍କ ଯୋଜନା ମୁତାବକ ଚାଉଳ ଏବଂ ପେନସନ ପାଉ ନ ଥିବା କିନ୍ନରମାନଙ୍କୁ ମଧ ସୁବିଧା ମିଳିଛି ବୋଲି ସେ ସୂଚନା ଦେଇଥିଲେ। ନବରଙ୍ଗପୁରରେ ପ୍ରଥମ ଥର ପାଇଁ କିନ୍ନରମାନଙ୍କ ପାଇଁ ଶ୍ରମିକ ପରିଚୟ ପତ୍ର କରାଯାଇଛି। ଜିଲା ମଧରେ ବସରେ କିନ୍ନରମାନଙ୍କ ପାଇଁ ପାସ୍ ବ୍ୟବସ୍ଥା କରାଯାଇଛି ବୋଲି ବୈଠକରେ ଆଲୋଚନା ହୋଇଛି। ଉଜ୍ଜ୍ୱଳା ଯୋଜନାରେ ଅଳ୍ପ କେତେଜଣ କିନ୍ନରଙ୍କୁ ଗ୍ୟାସ ଓ ଚୁଲା ମିଳିଛି। ଅନ୍ୟମାନଙ୍କ ପାଇଁ ଆବେଦନ କରାଯାଇଛି। ଏହାର ସମାଧାନ ଖୁବ୍ ଶୀଘ୍ର କରାଯିବାକୁ ପ୍ରୟାସ ଚାଲିଛି ବୋଲି ସଭାରେ ଉପସ୍ଥିତ ଅତିଥିଙ୍କୁ ସୂଚନା ଦିଆଯାଇଛି। ସରକାରଙ୍କ ତରଫରୁ କିନ୍ନର ମାନଙ୍କ ପାଇ ରହିଥିବା ଯୋଜନା ସମ୍ପର୍କରେ ଭୁବନେଶ୍ୱରରୁ ଆସିଥିବା ରୋଜାଲିନ ସାହୁ ବିସ୍ତୃତଭାବେ ଆଲୋଚନା କରିଥିଲେ। କିନ୍ନରମାନଙ୍କ ପାଇଁ ଜାଗା ସହ ଘର ଯୋଗାଇଦେବାକୁ ଆଗାମୀ ଦିନରେ ସରକାରଙ୍କୁ ଅନୁରୋଧ କରାଯିବ ବୋଲି ସଭାରେ ନିଷ୍ପତ୍ତି ନିଆଯାଇଛି। ନବରଙ୍ଗପୁର ପୌରପାଳିକା, ଜିଲା ମୁଖ୍ୟ ଚିକିତ୍ସାଳୟ ଏବଂ ଅନ୍ୟ ଜିଲାସ୍ତରୀୟ କାର୍ଯ୍ୟାଳୟରେ କିନ୍ନରମାନଙ୍କୁ ଚାକିରି କ୍ଷେତ୍ରରେ ଅଗ୍ରାଧିକାର ଦିଆଯିବାକୁ ସଂପୃକ୍ତ ଅଧିକାରୀଙ୍କୁ ଅନୁରୋଧ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। କଳାହାଣ୍ଡିର ଯେଉଁ କେତେକ କିନ୍ନର ନବରଙ୍ଗପୁର ଜିଲାରେ ବିନା ଅନୁମତିରେ ପ୍ରବେଶ କରୁଥିଲେ ସେମାନେ ଆସିବା ବନ୍ଦ କରିଦେଲେ ନବରଙ୍ଗପୁର ଏବଂ କଳାହାଣ୍ଡିର କିନ୍ନରଙ୍କ ମଧରେ ଉତ୍ତମ ବୁଝାମଣା ରହିବ ବୋଲି ସଂଘ ସଭ୍ୟମାନେ ମତ ଦେଇଥିଲେ। ବୈଠକରେ ଗୁରୁ କିନ୍ନର, ବର୍ଷା କିନ୍ନର, ଇପ୍‌ସିତା କିନ୍ନର, ସନା କିନ୍ନର, ଅନିତା କିନ୍ନର ବୋଇଦି କିନ୍ନରଙ୍କ ସମେତ ସଂଘର ଅନ୍ୟ ସମସ୍ତ ସଭ୍ୟ ଉପସ୍ଥିତ ଥିଲେ। ସଂଯୋଜକ ରୋଜାଲିନ ସାହୁ ଧନ୍ୟବାଦ ଦେଇଥିଲେ।

### ବିଷକ୍ରିୟାରେ ଯୁବକ ମୃତ

ନନ୍ଦପୁର, ୨୭।୩ (ଶଙ୍କର ପୂଜାରୀ)

କୋରାପୁଟ ଜିଲା ନନ୍ଦପୁର ବ୍ଲକ ସଦର ଗାଦିଆବାଡ଼ର ବୁଦୁ ଖରା ନିଶାସକ୍ତ ଅବସ୍ଥାରେ କୌଣସି ବିଷାକ୍ତ ସାମଗ୍ରୀ ଖାଇ ଗୁରୁତର ହୋଇଥିଲେ। ତାଙ୍କୁ ଚିକିତ୍ସା ନିମନ୍ତେ ନନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ତାଙ୍କର ମୃତ୍ୟୁ ହୋଇଛି। ମୃତକଙ୍କ ପୁତୁରା ଶୁରେସଙ୍କ ଏତଲାକ୍ରମେ ନନ୍ଦପୁର ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ କରୁଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ବୁଦୁଙ୍କ ମୃତ୍ୟୁପରେ ତାଙ୍କର ୪ ଶିଶୁ ଓ ଗର୍ଭବତୀ ସ୍ତ୍ରୀ ଏବେ ଅସହାୟ ହୋଇପଡ଼ିଛନ୍ତି। ଏ ନେଇ ନନ୍ଦପୁର ବିଡିଓ ଦୁର୍ଗା ପ୍ରସାଦ ଦୋରା ଓ ସିଡିପିଓ ମିନତି ବାଳା ପଟ୍ଟନାୟକଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ଜିଲାପାଳ ଓ ଜିଲା ଶିଶୁ ସୁରକ୍ଷା ଅଧିକାରୀଙ୍କ ସହ ଆଲୋଚନା କରି ବ୍ୟବସ୍ଥା କରାଯିବ ବୋଲି ଉଭୟେ କହିଛନ୍ତି।

### ଫେରାର ୨ ଅଭିଯୁକ୍ତ ଗିରଫ

ଜୟପୁର, ୨୭।୩(ପବନ ପାଣିଗ୍ରାହୀ)

ଫେରାର ୨ ଅଭିଯୁକ୍ତଙ୍କୁ ଜୟପୁର ସଦର ପୋଲିସ ଗିରଫ କରିଛି। ସେମାନେ ହେଲେ ଉମୁରି ଗ୍ରାମର ରଞ୍ଜିତ ବାଘ ଓ ବାମୁଣି ଗାଁର ଚିଣ୍ଟୁ ପରଜା। ପୋଲିସ ସୁଚନାନୁଯାୟୀ ଜୟପୁର ସଦର ଥାନା ଅଧୀନ ଉମୁରି ଗ୍ରାମର ରଞ୍ଜିତ ବାଘଙ୍କ ନାମରେ ସଦର ଥାନାରେ ୨୦୨୦ରେ ଗଞ୍ଜେଇ ମାମଲା ରହିଥିଲା। ସେହି ଦିନରୁ ସେ ଫେରାର ଥିବାବେଳ ବୁଧବାର ତାଙ୍କୁ ଗିରଫ କରାଯାଇଛି।। ସେହିପରି ବାମୁଣି ଗାଁର ଚିଣ୍ଟୁ ପରଜାଙ୍କ ନାମରେ ୨୦୧୮ରେ ଅପରାଧିକ ମାମଲା ରହିଥିଲା। ସେହିଦିନରୁ ସେ ଫେରାର ଥିବାବଳେ ତାଙ୍କୁ ମଧ ବୁଧବାର ଗିରଫ କରାଯାଇଛି। ସେମାନଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଥିବା ସଦର ଥାନାଧିକାରୀ ଈଶ୍ୱର ତାଣ୍ଡି ସୂଚନା ଦେଇଛନ୍ତି।

### ମନ୍ଦିର ପ୍ରତିଷ୍ଠାରେ ଯୋଗଦେଲେ ମହାରାଣୀ ସାରିକା ଦେବୀ, ବିଧାୟକ

ଜୟପୁର, ୨୭।୩(ପବନ ପାଣିଗ୍ରାହୀ)

ଚନ୍ଦନ ଶ୍ରୀକ୍ଷେତ୍ର, ପୂଜାରିପୁଟରେ ଜଗନ୍ନାଥ ମନ୍ଦିର ଓ ରାମମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଠାରେ ମହାରାଣୀ ସାରିକା ଦେବୀ ଓ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ଯୋଗଦେଇଥିଲେ। ଗ୍ରାମବାସୀ ସେମାନଙ୍କୁ ସ୍ୱାଗତ କରିବା ସହ ପୂଜାସ୍ଥଳୀ ପର୍ଯ୍ୟନ୍ତ ନେଇଥିଲେ। ଉଭୟେ ସେଠାରେ ଠାକୁରଙ୍କ ଦର୍ଶନକରିବା ସହ ଆଶୀର୍ବାଦ ନେଇଥିଲେ।



## ନିର୍ବାଚନକୁ ଭୟମୁକ୍ତ କରିବାକୁ ପୋଲିସର ଫ୍ଲାଗ୍‌ମାର୍ଚ୍ଚ

ପାପଡ଼ାହାଣ୍ଡି/ମଇଦଲପୁର, ୨୭।୩ (ସ୍ୱପ୍ନଜିତ ପଟ୍ଟନାୟକ/ସଦାଶିବ ଦାସ)

ନିର୍ବାଚନକୁ ଭୟ ମୁକ୍ତ କରିବା ପାଇଁ ପୋଲିସ ଓ ସିଆରପିଏଫ୍ ଯବାନ ମିଳିତଭାବେ ପାପଡ଼ାହାଣ୍ଡି ଓ ମଇଦଲପୁରରେ ବୁଧବାର ଫ୍ଲାଗମାର୍ଚ୍ଚ କରିଛନ୍ତି। ବିଭିନ୍ନ ଅପରାଧିକ ଗତିବିଧି ଲକ୍ଷଣକୁ ନଜରରେ ରଖି ପୋଲିସ ପକ୍ଷରୁ ଏହି ଫ୍ଲାଗ ମାର୍ଚ୍ଚ କରାଯାଇଛି।

ବୁଧବାର ଅପରାହ୍ନରେ ପାପଡ଼ାହାଣ୍ଡିରେ ଏସ୍‌ଡିପିଓ ମିନାକ୍ଷୀ ଠାକୁର, ପାପଡ଼ାହାଣ୍ଡି ଆଇଆଇସି ଦୀପକ କୁମାର ଜେନା, ବିଡିଓ କପିଳଦେବ ସାହୁ, ତହସିଲଦାର ତପନ ନାୟକ, ଅତିରିକ୍ତ ତସହିଲଦର ସସ୍ମିତା ଜେନାଙ୍କ ସହ ଅବକାରୀ, ଆରଟିଓ କର୍ମଚାରୀ ସାମିଲ ହୋଇ ଥିଲେ। ସେମାନେ ପୁରୁଣା ଥାନାରୁ ବାହାରି ଗ୍ରାମ ପରିକ୍ରମା କରିଥିଲେ। ମଇଦଲପୁରରେ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ମିଥିଲେସ ବର୍ମା ଏବଂ ଇନ୍ସପେକ୍ଟର ଆର୍.କେ. ପଣ୍ଡାଙ୍କ ନେତୃତ୍ୱରେ ଦୁଇ ପ୍ଲାଟୁନ ସିଆର୍‌ପିଏଫ୍ ଯବାନ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।


ଫ୍ଲାଗମାର୍ଚ୍ଚ ଗାଁ ପରିକ୍ରମା କରୁଛି।

ମଧାହ୍ନରେ ମଇଦଲପୁର କଲେଜ ପାଖରୁ ଫ୍ଲାଗମାର୍ଚ୍ଚ ଆରମ୍ଭ କରାଯାଇ ଡଙ୍ଗରସାହି, ହାଟପଦା, ମାଝିଗୁଡ଼ା ଛକ, ମଇଦଲପୁର ଏନ୍‌ଏଚ୍ ୨୬ ଉପରେ ବୁଲି ଥାନା ପାଖକୁ ପହଞ୍ଚି ଥିଲେ। ମଇଦଲପୁର ଥାନାଧିକାରୀ ଯୁଗେଶ୍ୱର ଦଣ୍ଡସେନା ଲିଡ଼ କରିଥିବା ବେଳେ ପାପଡାହାଣ୍ଡି ଏସ୍‌ଡିପିଓ ଠାକୁର ଏହାର ମନିଟରିଙ୍ଗ କରିଥିଲେ। ବି.ଏନ୍. ଦରୱାର ଚିପ ଡେଭଲପମେଣ୍ଟ ଅଫିସର,ନବରଙ୍ଗପୁର, ବିଡିଓ ସାହୁ, ତହସିଲଦାର ନାୟକ, ଅତିରିକ୍ତ ତହସିଲଦାର ଜେନା ଦେବେନ୍ଦ୍ର କୁମାର ମାଝୀ ପ୍ରମୁଖ ପର୍ଯ୍ୟବେକ୍ଷକ ଫ୍ଲାଗମାର୍ଚ୍ଚରେ ଉପସ୍ଥିତ ଥିଲେ। ମଇଦଲପୁର ବନବିଭାଗ ପକ୍ଷରୁ ମଧୁସୂଦନ ପାତ୍ର, ଫରେଷ୍ଟର ଓ ସମସ୍ତ ବନବିଭାଗ କର୍ମଚାରୀମାନେ ଏହି କାର୍ଯକ୍ରମରେ ଭାଗ ନେଇଥିଲେ। ମେ ୧୩ ତାରିଖରେ ହେବାକୁ ଥିବା ନିର୍ବାଚନକୁ ଆଖି ଆଗରେ ରଖି ପୋଲିସ ପକ୍ଷରୁ ଭୟମୁକ୍ତ, ଶାନ୍ତିଶୃଙ୍ଖଳା ରକ୍ଷା ଏବଂ ଅପରାଧ ନିୟନ୍ତ୍ରଣ କରିବା ଲକ୍ଷ୍ୟରେ ଏହି କାର୍ଯ୍ୟକ୍ରମ କରାଯାଇଥିବା ସୂଚନା ଦିଆଯାଇଛି।

## ଶୁଦ୍ଧି ହୋଇଯାଇଥିଲେ ପରିବାର ଲୋକେ, ୨ବର୍ଷ ପରେ ଫେରିଲା ପୁଅ

ନବରଙ୍ଗପୁର,୨୭।୩ (ସଦାଶିବ ପ୍ରହରାଜ)

ଦୃଷ୍ଟି ବାଧିତ ପୁଅ ଦେବେନ୍ଦ୍ର ଭତରା ୨ ବର୍ଷ ତଳେ ନିଖୋଜ ହୋଇଯାଇଥିଲେ। ବହୁ ଖୋଜାଖୋଜି କରିବା ପରେ ପୁଅକୁ ନ ପାଇବାରୁ ପରିବାର ଲୋକେ ସେ ମରିଯାଇଥିବା ଭାବି ଶୁଦ୍ଧି ହୋଇଯାଇଥିଲେ। ରବିବାର କିନ୍ତୁ ହଠାତ୍ ପୁଅ ଘରକୁ ଫେରିଥିଲେ। ଏହାପରେ ପରିବାରରେ ଖୁସିର ଲହରୀ ଖେଳିଯାଇଥିଲେ। ପୁଅକୁ ଜିଲା ଶିଶୁ ସୁରକ୍ଷା ୟୁନିଟ ଘରେ ପହଞ୍ଚାଇବା ପରେ ପରିବାର ଲୋକେ ଖୁସି ପ୍ରକଟ କରିଛନ୍ତି ।

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ପୁପୁଗାଁ ନିକଟ ପୂର୍ଣ୍ଣଗୁଡା ଗାଁର ଶ୍ୟାମ ଭତରା ଓ ନବୀନାଙ୍କ ପୁଅ ଦେବେନ୍ଦ୍ର (୧୬)। ଦେବେନ୍ଦ୍ର ସମୀପ ଦୃଷ୍ଟି ଦୋଷ ଥିଲା। ତେଣୁ ତାଙ୍କୁ ପାପଡ଼ାହାଣ୍ଡି ବ୍ଲକ ଗରୁଡ଼ଗୁଡ଼ା ଦୃଷ୍ଟି ବାଧିତ ବିଦ୍ୟାଳୟରେ ପଢିବା ପାଇଁ ପରିର ଲୋକେ ଛାଡ଼ିଥିଲେ। ଦେବେନ୍ଦ୍ର ପାଠପଢ଼ାରେ ଆଗ୍ରହ ନ ଥିବାରୁ ସେ ବାରମ୍ବାର ଘରକୁ ଫେରିଯାଉଥିଲେ। ପରିବାର ଲୋକେ ତାଙ୍କୁ ପୁଣି ବିଦ୍ୟାଳୟକୁ ଆଣି ଛାଡୁଥିଲେ। ୨ ବର୍ଷ ତଳେ ଦେବେନ୍ଦ୍ର ବିଦ୍ୟାଳୟ ଘରୁ ସ୍କୁଲକୁ ନ ଯାଇ କେଉଁଆଡ଼େ ପଳାଇଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରି ନ ପାଇବାରୁ ଦେବେନ୍ଦ୍ରଙ୍କ ମୃତ୍ୟୁ ହୋଇଯାଇଥିବା ଭାବି ଶୁଦ୍ଧି ହୋଇଯାଇଥିଲେ। ଏହା ଭିତରେ ଶୁକ୍ରବାର ଯାଜପୁର ପୋଲିସ ସେଠାରେ ଦେବେନ୍ଦ୍ରକୁ ଠାବ କରିଥିଲେ।


ପରିବାର ଲୋକଙ୍କ ସହ ଦେବେନ୍ଦ୍ର।

ସେ ବାଲେଶ୍ୱରର ବୋଲି ଦେବେନ୍ଦ୍ର ପୋଲିସକୁ ମିଛି କହିଥିଲେ। ପୋଲିସ ବେଶି ପଚରାଉଚରା କରିବାରୁ ଏସ୍‌ପିଙ୍କ ନିକଟରେ ସବୁ କହିବେ ବୋଲି ଦେବେନ୍ଦ୍ର କହିଥିଲେ। ପରେ ସେ ନବରଙ୍ଗପୁର ଜିଲା ରାଇଘର ବ୍ଲକ ଅଧୀନ ମୁଡ଼ିଗୁଡା ନିକଟ ଜେନ୍ଦ୍ରିଗୁଡା ଗାଁର ରତନ ଭତରାଙ୍କ ପୁଅ ବୋଲି ଦେବେନ୍ଦ୍ର ଏସ୍‌ପିଙ୍କୁ କହିଥିଲେ। ଯାଜପୁର ଶିଶୁ ମଙ୍ଗଳ କମିଟି ନିକଟରେ ପୋଲିସ ଦେବେନ୍ଦ୍ରଙ୍କୁ ହାଜର କରିବା ପରେ କାଉନ୍‌ସିଲିଂ କରି ସେଠାକାର ଚାଇଲ୍ଡଲାଇନ ମାଧମରେ ଦେବେନ୍ଦ୍ରଙ୍କୁ ନବରଙ୍ଗପୁର ଶିଶୁ ସୁରକ୍ଷା ୟୁନିଟକୁ ହସ୍ତାନ୍ତର କରାଯାଇଥିଲା। ନବରଙ୍ଗପୁର ଜିଲା ଶିଶୁ ଶୁରକ୍ଷା ଅଧିକାରୀ ସୁରେଶ କୁମାର ପଟ୍ଟନାୟକ ଦେବେନ୍ଦ୍ରକୁ ରବିବାର ଶିଶୁ ମଙ୍ଗଳ କମିଟି ନିକଟରେ ହାଜର ପରେ କାଉନ୍‌ସିଲିଂ କରାଇଥିଲେ। ଦେବେନ୍ଦ୍ରକୁ ନେଇ ସେ ରାଇଘର ବ୍ଲକ ଯାଇଥିଲେ। ସେଠାରେ ସରପଞ୍ଚଙ୍କ ସହ ଯୋଗାଯୋଗ କରିବା ପରେ ଦେବେନ୍ଦ୍ର ଯାଜଜପୁର ଏସ୍‌ପି ଦେଇଥିବା ତଥ୍ୟ ମିଛ ବୋଲି ଜଣାପଡ଼ିଥିଲା। ପରେ ଦେବେନ୍ଦ୍ରଙ୍କୁ ରାଇଘର ଥାନାକୁ ନିଆଯାଇଥିଲା। ପୋଲିସ ପଚରା ଉଚରା ପରେ ସେ ପ୍ରକୃତ ପରିଚୟ ଦେଇଥିଲା। ପରେ ଶିଶୁ ସୁରକ୍ଷା ଅଧିକାରୀ ସୁରେଶ କୁମାର ପଟ୍ଟନାୟକ, ସମରେନ୍ଦ୍ର ପରିଡ଼ା, ଚାଇଲ୍ଡଲାଇନ ସାମାଜିକ କର୍ମୀ ପ୍ରେମଲାଲ ଗଣ୍ଡ ଓ ଚତୁର୍ଭୁଜ ନାୟକ ଦେବେନ୍ଦ୍ରଙ୍କୁ ତାଙ୍କ ପରିବାର ନିକଟରେ ଛାଡିଥିଲେ।

